

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନା ପରସ୍ପର ବିରୋଧରେ ଲାଞ୍ଚ ଅଭିଯୋଗ ଆଣିବା ପରେ ଆରମ୍ଭ ହୋଇଥିବା ବିବାଦ ଥମିବାର ନାଁ ଧରୁ ନାହିଁ। ବୟାନ ରେକର୍ଡ ପାଇଁ ଦୁହିଁଙ୍କୁ ଖୁବ୍‌ଶୀଘ୍ର କେନ୍ଦ୍ରୀୟ ଭିଜିଲାନ୍ସ କମିଶନର (ସିଭିସି) ସମନ କରିପାରେ ବୋଲି ଜଣାପଡ଼ିଛି।



## ସଂକ୍ଷେପରେ

### ମନ୍ତ୍ରୀଙ୍କୁ ଓକିଲଙ୍କ କଳା ପତାକା ପ୍ରଦର୍ଶନ



**ସମ୍ବଲପୁର,୩୧।୧୦(ବ୍ୟୁରୋ):** ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବିରେ ସମ୍ବଲପୁର ଜିଲାରେ ଓକିଲମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଏହି ପ୍ରସଙ୍ଗ ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରି ଚାଲିଥିବାରୁ ସେପ୍ଟେମ୍ବର ୫ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଏପରି ସ୍ଥଳେ ବୁଧବାର ସମ୍ବଲପୁର ଜିଲା ଧାନ ସଂଗ୍ରହ ପ୍ରସ୍ତୁତି ବୈଠକରେ ଯୋଗ ଦେବା ପାଇଁ ଦିନିକିଆ ଗସ୍ତରେ ଆସିଥିବା ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ଏମସିଏଲ ମୁଖ୍ୟ ଗେଟ୍ ସମ୍ମୁଖରେ ଜିଲା ଓକିଲ ସଂଘ କର୍ମକର୍ତ୍ତା କଳା ପତାକା ଦେଖାଇ ବିରୋଧ କରିଥିଲେ। ବ୍ୟାପକ ପୋଲିସ ସୁରକ୍ଷା ବଳୟରେ ମନ୍ତ୍ରୀ ବୈଠକରେ ଯୋଗଦେଇଥିଲେ। ଜିଲା ଓକିଲ ସଂଘ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନ, ଉପସଭାପତି ବେଦବ୍ୟାସ ସାଥୁଆ, ସାଧାରଣ ସମ୍ପାଦକ ପ୍ରବୀଣ କୁମାର ସିଂଦେଓ, କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ବହିଦାର, ସତ୍ୟନାରାୟଣ ପଣ୍ଡା, ସୁରେଶ୍ୱର ମିଶ୍ର, ଅତନୁ ଘୋଷ ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ଓକିଲ କଳା ପତାକା ପ୍ରଦର୍ଶନ କରି ପ୍ରତିବାଦ ଜଣାଇଥିଲେ। ସୂଚନାଯୋଗ୍ୟ, ଧାନ ସଂଗ୍ରହ ପ୍ରସ୍ତୁତି ବୈଠକ ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିଲା। ହେଲେ ସେଠାରେ ଜିଲା ଓକିଲ ସଂଘର ଜୋର୍‌ଦାର୍ ବିକ୍ଷୋଭ ଖବର ପୋଲିସ ନିକଟରେ ପହଞ୍ଚିଥିଲା। ଏଣୁ ଶେଷ ମୁହୂର୍ତ୍ତରେ ରାତିଅଧିଆ ବୈଠକସ୍ଥଳ ଏମସିଏଲ୍ ସମ୍ମିଳନୀ କକ୍ଷକୁ ପରିବର୍ତ୍ତିତ ହୋଇଥିଲା। ପଶ୍ଚିମ ଓଡ଼ିଶାବାସୀଙ୍କ ସ୍ୱାର୍ଥ ସହ ଜଡ଼ିତ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠାକୁ ସାକାର କରିବା ପାଇଁ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଗଠିତ ହୋଇଛି। ଏହାର ଆହ୍ୱାନରେ ସମ୍ପ୍ରତି ଜିଲା ବ୍ୟାପୀ ଆନ୍ଦୋଳନ ଜୋର୍‌ଦାର ହୋଇଛି। ତେବେ ଏହି ନ୍ୟାୟିକ ଦାବି ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୀତି ଅସ୍ପଷ୍ଟ ରହିଥିବାରୁ କମିଟି ପକ୍ଷରୁ ସମ୍ବଲପୁରରେ ରାଜ୍ୟ ଓ କେନ୍ଦ୍ରସ୍ତରୀୟ ମନ୍ତ୍ରୀଙ୍କ ଗସ୍ତକୁ କଳା ପତାକା ଦେଖାଇ ବିରୋଧ କରାଯିବାକୁ ନିଷ୍ପତ୍ତି ହୋଇଥିଲା।

### ମୃତ ଶିଶୁକୁ ଧରି ପ୍ରେମିକଙ୍କ ଘର ଆଗରେ ପ୍ରେମିକାଙ୍କ ଧାରଣା

**ଭଦ୍ରକ ଅଫିସ, ୩୧।୧୦:** ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅଧୀନ ଜଗଦଳପୁର ଅଞ୍ଚଳରେ ବୁଧବାର ଜଣେ ବିବାହିତ ଯୁବକଙ୍କ ଦ୍ୱାରା ପ୍ରତାରିତ ଯୁବତୀ ମୃତ ଶିଶୁପୁତ୍ରକୁ ଧରି ପ୍ରେମିକଙ୍କ ଘର ଆଗରେ ଧାରଣା ଦେଇଛନ୍ତି। ଗତ କିଛିଦିନ ତଳେ ସଂପୃକ୍ତା ଯୁବତୀ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ବୁଧବାର ଶିଶୁଟିର ମୃତ୍ୟୁ ଘଟିଥିଲା। ଏହି ଖବର ଜାଣିବା ପରେ ପ୍ରେମିକ ଜଣଙ୍କ କେଉଁଆଡେ ଫେରାର ହୋଇଯାଇଛନ୍ତି। ଏନେଇ ଯୁବତୀଙ୍କ ପରିବାର ପକ୍ଷରୁ ୧୮ ତାରିଖରେ ଗ୍ରାମାଞ୍ଚଳ ଥାନାରେ ଲିଖିତ ଏତଲା ଦିଆଯାଇଥିଲା। ୧୯ ତାରିଖରେ ଗାଁରେ ଆପୋଷ ସମାଧାନ ପାଇଁ ଚେଷ୍ଟା କରାଯାଇଥିଲା । ହେଲେ ଶିଶୁର ମୃତ୍ୟୁ ପରେ ଯୁବକ ଜଣଙ୍କ କେଉଁଆଡେ ଫେରାର ହୋଇଯାଇଛନ୍ତି ।

### ଯୁବତୀଙ୍କ ଗଳାକାଟି ହତ୍ୟା ଉଦ୍ୟମ

**ହିଞ୍ଜିଳିକାଟୁ,୩୧।୧୦(ଡି.ଏନ୍.ଏ.):** ହିଞ୍ଜିଳି ଥାନା ଅଞ୍ଚଳରେ ବୁଧବାର ଜଣେ ଯୁବତୀଙ୍କୁ ଗଳାକାଟି ହତ୍ୟା ଉଦ୍ୟମ କରାଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସେ ବିପଦମୁକ୍ତ ଥିବା ଜଣାପଡିଛି। ଯୁବତୀ ଜଣକ ଏକ ସଂସ୍ଥାରେ ପାର୍ଟ ଟାଇମ୍ କାମ କରନ୍ତି। ବୁଧବାର ସନ୍ଧ୍ୟା ପର୍ଯ୍ୟନ୍ତ ତାଙ୍କ କାମ ସରି ନ ଥିଲା। ତେଣୁ ସେ ସେଠାରେ ଥିଲେ। ଏହି ସମୟରେ ୨ଜଣ ଯୁବକ ଗୋଟିଏ ବାଇକରେ ଆସିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଯୁବକ ହଠାତ୍ ଅଫିସ ଭିତରକୁ ପଶି ଆସି ଯୁବତୀଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ତାଙ୍କ ବେକରେ ଗଭୀର ଆଘାତ ଲାଗିଥିଲା। ପରେ ଲୋକେ ହୋହଲ୍ଲା କରିବାରୁ ଯୁବକଦ୍ୱୟ ପଳାଇ ଯାଇଥିଲେ।

# ଜନ୍ମମାଟିରେ ଅଚ୍ୟୁତାନନ୍ଦଙ୍କୁ ଅଶ୍ରୁଳ ବିଦାୟ

- ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ
- ମୁଖାଗ୍ନି ଦେଲେ ବଡ଼ଭାଇ

**ବଲାଙ୍ଗୀର ଅଫିସ,୩୧।୧୦**

ଛତିଶଗଡ଼ ଦାନ୍ତେୱାଡାରେ ମାଓବାଦୀଙ୍କ ଗୁଳିମାଡ଼ରେ ମଙ୍ଗଳବାର ପ୍ରାଣ ହରାଇଥିବା ଦିଲ୍ଲୀ ଦୂରଦର୍ଶନ ନ୍ୟୁଜ୍ ଚ୍ୟାନେଲର କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁ(୩୫)ଙ୍କ ଶେଷକୃତ୍ୟ ବୁଧବାର ସମ୍ପନ୍ନ ହୋଇଛି। ଜନ୍ମମାଟି ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଘୁଷୁରାମୁଣ୍ଡାରେ ତାଙ୍କୁ ଅଶ୍ରୁଳ ବିଦାୟ ଦିଆଯାଇଛି। ପଞ୍ଚଭୂତରେ ଲୀନ ହୋଇଛି ତାଙ୍କ ପାର୍ଥିବ ଶରୀର। ଶୋକାକୁଳ ପରିବେଶ ଭିତରେ ଅଚ୍ୟୁତାନନ୍ଦଙ୍କୁ ଚିରବିଦାୟ ଦେଇଛି ଗାଁ ମାଟି। ସ୍ତବ୍ଧ ହୋଇଯାଇଛନ୍ତି ପରିବାର, ସମ୍ପର୍କୀୟ ଓ ଗ୍ରାମବାସୀ।

ବୁଧବାର ସକାଳ ୭ଟାରୁ ଘୁଷୁରାମୁଣ୍ଡା ଗାଁର ଆବାଳ ବୃଦ୍ଧବନିତା ଅଚ୍ୟୁତାନନ୍ଦଙ୍କ ଶେଷ ଦର୍ଶନ ପାଇଁ ଅପେକ୍ଷା କରି ରହିଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟାରେ ରାୟପୁରରୁ ଏକ ସ୍ୱତନ୍ତ୍ର ଗାଡ଼ିରେ ଅଚ୍ୟୁତାନନ୍ଦଙ୍କ ମୃତଦେହ ଗାଁରେ ପହଞ୍ଚିଥିଲା। ଏହି ସମୟର ଦୃଶ୍ୟ ଥିଲା ଖୁବ୍ ହୃଦୟବିଦାରକ। କୋହ ସମ୍ଭାଳି ପାରି ନ ଥିଲେ ଗ୍ରାମବାସୀ। ପରିବାର ଲୋକେ ଲୋଟିପଡିଥିଲେ ଅଚ୍ୟୁତାନନ୍ଦଙ୍କ ମୃତଦେହ ଉପରେ। ବହୁ କଷ୍ଟରେ ତାଙ୍କ ମୃତଦେହକୁ ଘର ଭିତରକୁ ନିଆଯାଇଥିଲା। ସେଠାରେ କିଛି ସମୟ ପାଇଁ ତାଙ୍କ ମୃତଦେହ ରଖାଯାଇଥିଲା। ଏହି ସମୟ ଭିତରେ ଗ୍ରାମବାସୀଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ଅଚ୍ୟୁତାନନ୍ଦ ଅମର ରହେ ଧ୍ୱନିରେ ଫାଟି ପଡ଼ିଥିଲା ସାରା ଗାଁ।



ଅଚ୍ୟୁତାନନ୍ଦଙ୍କ ମରଶରୀର ନିକଟରେ ଶୋକାକୁଳ ପରିବାରବର୍ଗ ଓ ଗ୍ରାମବାସୀ।

ବଲାଙ୍ଗୀର ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର, ଲୋଇସିଂହା ବିଧାୟକ ଯୋଗେନ୍ଦ୍ର ବେହେରା, ଡିଆରଡିଏ ପିଡି ଡ. ମହେଶ୍ୱର ସ୍ୱାଇଁ, ପୂର୍ବତନ ଏମ୍‌ପି ବାଳଗୋପାଳ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଲୋଇସିଂହା ବିଡିଓ, ତହସିଲଦାରଙ୍କ ସହ ନବନିର୍ମାଣ କୃଷକ ସଙ୍ଗଠନ ସଂଯୋଜକ ହିମାଂଶୁ ଶେଖର ସାହୁ ଓ ଅନ୍ୟମାନେ ପହଞ୍ଚି ଅଚ୍ୟୁତାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଅଚ୍ୟୁତାନନ୍ଦଙ୍କ ବାପା ନରେନ୍ଦ୍ର ସାହୁ, ମା'ତୁଳସୀ ସାହୁ, ସ୍ତ୍ରୀ ହିମାଞ୍ଜଳି ସାହୁଙ୍କ ସହ ପରିବାର ଲୋକେ ବାକ୍‌ଶୂନ୍ୟ ହୋଇପଡ଼ିଥିଲେ। ଶେଷରେ ମୃତଦେହକୁ ଗାଁ ପରିକ୍ରମା କରାଯାଇ ଶ୍ମଶାନକୁ ନିଆଯାଇଥିଲା। ସେଠାରେ ବଲାଙ୍ଗୀର ଏସ୍‌ପି କେ. ଶିବା ସୁବ୍ରମଣିଙ୍କ ଉପସ୍ଥିତିରେ ପୋଲିସ ବାହିନୀ ଗାର୍ଡ ଅଫ୍ ଅନର ଦେଇଥିଲେ। ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଅଚ୍ୟୁତାନନ୍ଦଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ଭାଇ ପ୍ରଶାନ୍ତ ସାହୁ ମୁଖାଗ୍ନି ଦେଇଥିଲେ। ଦିଲ୍ଲୀରୁ ଆସିଥିବା ଦୂରଦର୍ଶନ ଡାଇରେକ୍ଟର କୃପାଶଙ୍କର ଯାଦବ, ସଦର ଏସ୍‌ଡିପିଓ କ୍ଷୀରସାଗର ନାଏକ, ଆକ୍ସନ କମିଟି ଆବାହକ ଗୋପାଳଜୀ ପାଣିଗ୍ରାହୀ, ଯୁବନେତା ପ୍ରିୟବ୍ରତ ସାହୁ, ଶତାଧିକ ନେତା ଓ ସାମାଜିକ କର୍ମୀ ଉପସ୍ଥିତ ରହି ଅଚ୍ୟୁତାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘ, ପେସାଦାର ସାମ୍ବାଦିକ ସଂଘ ଓ ଅନ୍ୟ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

୧୯୮୪ ମାର୍ଚ୍ଚ ୧୨ରେ ଜନ୍ମଗ୍ରହଣ କରିଥିବା ଅଚ୍ୟୁତାନନ୍ଦ ଗତ ପ୍ରାୟ ୪ ବର୍ଷ ତଳେ ଦୂରଦର୍ଶନ ନ୍ୟୁଜ୍ କ୍ୟାମେରାମ୍ୟାନ ଭାବେ ଯୋଗଦେଇଥିଲେ। ଏହାପୂର୍ବରୁ ସେ ଭାରତୀୟ ସେନାରେ କିରାଣି ଭାବେ କାମ କରିଥିଲେ। କିଛିବର୍ଷ କାମ କଲାପରେ ସେ ସେନାରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ। ପରେ ଓଡ଼ିଶା ଫେରି କଟକ ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ସିନେମାଟୋଗ୍ରାଫି ପାଠ ପଢ଼ିଥିଲେ। ସେଠାରେ ପଢ଼ା ସାରିବା ପରେ ନିଜ ଗାଁ ଘୁଷୁରାମୁଣ୍ଡା ପାଖ ବୁଢ଼ୀପଦର ପଞ୍ଚାୟତ ଅଫିସରେ ଦୁଇବର୍ଷ ଗ୍ରାମ ରୋଜଗାର ସେବକ ଭାବେ କାର୍ଯ୍ୟ କରିଥିଲେ। ୨ ବର୍ଷ ଚାକିରି କରିବା ପରେ ଏଠାରୁ ସେ ଦିଲ୍ଲୀ ଚାଲିଯାଇ ଦୂରଦର୍ଶନ (ଡିଡି) ନ୍ୟୁଜ୍ ଚ୍ୟାନେଲରେ କ୍ୟାମେରାମ୍ୟାନ୍ ଭାବେ ଯୋଗଦେଇଥିଲେ। ପ୍ରାୟ ୨ ବର୍ଷ ତଳେ ସେ ହିମାଞ୍ଜଳିଙ୍କୁ ବିବାହ କରିଥିଲେ। ଅଚ୍ୟୁତାନନ୍ଦ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରଠାରେ ପ୍ରାଥମିକ, ହାଇସ୍କୁଲ ଓ କଲେଜ ଶିକ୍ଷା ଗ୍ରହଣ କରିଥିଲେ।

## ସରକାରୀ ଡାକ୍ତରଖାନାରେ ବହିର୍ବିଭାଗ ରୋଗୀସେବା

# ଜାତୀୟସ୍ତରରେ ଓଡ଼ିଶା ଦ୍ୱିତୀୟ

**ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)**

**୩ ବର୍ଷରେ ୮% ରୋଗୀସେବା ବୃଦ୍ଧି ପାଇଛି**

ସରକାରୀ ଡାକ୍ତରଖାନାର ବହିର୍ବିଭାଗ ରୋଗୀସେବା କ୍ଷେତ୍ରରେ ଓଡ଼ିଶା ଜାତୀୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାରୀ କରି ପୁରସ୍କୃତ ହୋଇଛି। ୨୦୧୫-୧୬ ଏବଂ ୨୦୧୬-୧୭ ବର୍ଷ ନିମନ୍ତେ ଏହି ପୁରସ୍କାର ମିଳିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ୩ ବର୍ଷ ମଧ୍ୟରେ ୮% ରୋଗୀସେବା ବୃଦ୍ଧିପାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ଆସାମର କାଜିରଙ୍ଗାଠାରେ ୫ମ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଏହି ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡାଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ଓଡ଼ିଶା ସହିତ ଗୁଜରାଟ ଏବଂ କର୍ନାଟକ ମଧ୍ୟ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରାଜ୍ୟରେ ଜନସାଧାରଣଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ସରକାର ନିରାମୟ, ନିଦାନ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କରିଛନ୍ତି। ଲୋକଙ୍କୁ ସଚେତନ କରାଯାଉଥିବାରୁ ସରକାରୀ ଡାକ୍ତରଖାନାକୁ ଅଧିକ ରୋଗୀ ଆସି ଚିକିତ୍ସିତ ହେଉଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ କହୁଛି।

ସୂଚନାଯୋଗ୍ୟ, ରାଜ୍ୟ ଆର୍ଥିକ ସର୍ଭେ ରିପୋର୍ଟଅନୁଯାୟୀ, ୨୦୦୯-୧୦ବର୍ଷରେ ରାଜ୍ୟର ମୋଟ ଜନସଂଖ୍ୟାର ୬୦.୬୨% ଲୋକ ବହିର୍ବିଭାଗକୁ ଯାଇ ଚିକିତ୍ସିତ ହୋଇଥିବାବେଳେ ଆନ୍ତଃ ବିଭାଗରେ ୮.୭% ରୋଗୀ ଚିକିତ୍ସିତ ହୋଇଥିଲେ। ସେହିପରି ୨୦୧୪-୧୫ ବର୍ଷରେ ଏହା ଯଥାକ୍ରମେ ବୃଦ୍ଧି ପାଇ ୭୧.୨୧% ଏବଂ ୧୦.୪୧% ହୋଇଥିଲା। ୨୦୧୫-୧୬, ୨୦୧୬-୧୭ ଏବଂ ୨୦୧୭-୧୮ରେ ଏହି ସଂଖ୍ୟା ୮% ଅଧିକ ବୃଦ୍ଧି ପାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ବାଣ ବିସ୍ଫୋରଣରେ ଉଡ଼ିଲା ଛାତ, ମହିଳା ଗୁରୁତର

**ରାୟଗଡ଼ା ଅଫିସ, ୩୧।୧୦**

ବୁଧବାର ରାୟଗଡା ସହର ଗୁଣ୍ଡିଚା ଛକସ୍ଥିତ ରାଜସ୍ୱ ବିଭାଗର ସରକାରୀ କ୍ୱାର୍ଟର୍ସରେ ଘଟିଛି ବିସ୍ଫୋରଣ । ସେଠାରେ ବେଆଇନ ଭାବେ ବାଣ ଭିଡା ଚାଲିଥିଲା । ବୁଧବାର ଅପରାହ୍ଣରେ ଘରେ ଗଚ୍ଛିତ ରଖାଯାଇଥିବା ବାଣରେ ନିଆଁ ଲାଗି ଯାଇ ବିସ୍ଫୋରଣ ଘଟିଥିଲା । ଏଥିରେ ଘରର ଛାତ ଉଡିଯାଇଥିବା ବେଳେ ଜଣେ ମହିଳା ଗୁରୁତର ଆହତ ହୋଇଥିଲେ । ଆହତ ଜଣଙ୍କ ହେଲେ ଶୋଭାରାଣୀ ପଟ୍ଟନାୟକ । ସେ ଜଣେ ଶିକ୍ଷୟିତ୍ରୀ ବୋଲି ଜଣାପଡ଼ିଛି । ଶୋଭାରାଣୀଙ୍କ ପୁଅ ଓ ତାଙ୍କ ସାଙ୍ଗମାନେ ମିଳିତ ଭାବେ ସେଠାରେ ଗତ କିଛିଦିନ ହେବ ବାଣ ଭିଡୁଥିଲେ । ବୁଧବାର ବାଣକୁ ଖରାରେ ଶୁଖାଇ ଘର ଭିତରେ ରଖିଥିଲେ । ହେଲେ କୌଣସି କାରଣବଶତଃ ସେଥିରେ ନିଆଁଲାଗି ବିସ୍ଫୋରଣ ହୋଇଥିଲା ।

## କୂଅରୁ ମିଳିଲା ମା' ପୁଅଙ୍କ ମୃତଦେହ

**ନୂଆଗାଁ, ୩୧।୧୦ (ଡି.ଏନ.ଏ.)**



ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବିଶ୍ରା ଥାନା ଅନ୍ତର୍ଗତ ବାରିଲେପ୍‌ଟା ପଞ୍ଚାୟତ ଗୁଡୁଗୁଡା ଟେୟାଁଟୋଲି ବସ୍ତିରେ ବୁଧବାର ଚାଷ ଜମିରେ ଥିବା ଏକ କୂଅରୁ ୬ମାସର ଶିଶୁପୁତ୍ର ସମେତ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପାରିପାର୍ଶ୍ୱିକ ଘଟଣାରୁ ସନ୍ଦେହ କରାଯାଉଛି।

ଗୁଡୁଗୁଡା ଟେୟାଁଟୋଲିରେ ଛିଡା ତିର୍କୀଙ୍କ ଝିଅ ଫୁଲମତୀ ରହୁଥିଲେ। ଗତ ୬ମାସ ହେବ ତାଙ୍କର ଏକ ଶିଶୁପୁତ୍ର ମଧ୍ୟ ଜନ୍ମ ହୋଇଥିଲା। ଫୁଲମତୀଙ୍କ ବିବାହ ପ୍ରାୟ ୧ବର୍ଷ ହେବ ବିଶ୍ରା ବ୍ଲକ ଅନ୍ତର୍ଗତ ଉଡୁଣ୍ଡୁ ଗ୍ରାମରେ ଏନୁ ଓରାମଙ୍କ ସହ ହୋଇଥିଲା। ତେବେ ପ୍ରେମ ବିବାହ ପରେ ଉଭୟଙ୍କ ମଧ୍ୟରେ ସବୁବେଳେ ଗଣ୍ଡଗୋଳ ଲାଗି ରହୁଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ମତାନ୍ତର ମଧ୍ୟ ଥିଲା। ଫୁଲମତୀ କିଛି ମାସ ହେବ ନିଜ ବାପ ଘରେ ରହୁଥିଲେ। ହେଲେ ଗତ ସୋମବାର ରାତି ପ୍ରାୟ ସାଢ଼େ ୯ଟାରେ ଫୁଲମତୀଙ୍କ ନିକଟକୁ ଏନୁ ଫୋନ କରିଥିଲେ। ଫୁଲମତୀ ଫୋନରେ କଥା ହୋଇ ହୋଇ ଘରୁ ବାହାରିଥିଲେ। ସେ ଆଉ ଘରକୁ ଫେରି ନ ଥିଲେ। ବୁଧବାର କେତେକ ଲୋକେ ଚିତାଙ୍କ ଘରଠାରୁ ପ୍ରାୟ ୫୦୦ ମିଟର ଦୂରରେ ଏକ ଜମିରେ ଥିବା କୂଅ ଭିତରେ ମା' ପୁଅଙ୍କ ମୃତଦେହ ଭାସୁଥିବା ଦେଖି ଗାଁରେ ଖବର ଦେଇଥିଲେ।

# ଅମୃତ ଯୋଜନା କାର୍ଯ୍ୟକାରିତାରେ ଓଡ଼ିଶା ଅଗ୍ରଣୀ

- ଲଗାତର ତୃତୀୟ ବର୍ଷ ପାଇଁ ମିଳିଲା ପୁରସ୍କାର
- ଭଲ କାର୍ଯ୍ୟ ଲାଗି ୪୧ କୋଟି ଟଙ୍କାର ପ୍ରୋତ୍ସାହନ ରାଶି

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ)**

ଅମୃତ ଯୋଜନା କାର୍ଯ୍ୟକାରିତାରେ ଓଡ଼ିଶା ଜାତୀୟ ସ୍ତରରେ ଏକ ଅଗ୍ରଣୀ ରାଜ୍ୟର ମାନ୍ୟତା ହାସଲ କରିଛି। ଏ କ୍ଷେତ୍ରରେ ଓଡ଼ିଶା ଲଗାତର ତୃତୀୟଥର ପାଇଁ ପ୍ରଥମ-୩ ରାଜ୍ୟ ମଧ୍ୟରେ ନିଜର ସ୍ଥାନ ବଜାୟ ରଖିଛି। ସେହିପରି ଯୋଜନାକୁ ଠିକ୍ ଢଙ୍ଗରେ କାର୍ଯ୍ୟକାରୀ କରାଯାଉଥିବାରୁ ରାଜ୍ୟକୁ ୪୧ କୋଟି ପ୍ରୋତ୍ସାହନ ରାଶି ମିଳିଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅମୃତ ଯୋଜନାର ରାଜ୍ୟସ୍ତରୀୟ ଉଚ୍ଚ କ୍ଷମତାସମ୍ପନ୍ନ ଷ୍ଟିଅରିଂ କମିଟି ବୈଠକରୁ ଏହା ଜଣାପଡ଼ିଛି । ରାଜ୍ୟ ସଚିବାଳୟରେ ବୁଧବାର ଅନୁଷ୍ଠିତ ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗ ଶାସନ ସଚିବ ଜି.ମାଥିଭାଥାନାନ୍ ଯୋଜନାର କାର୍ଯ୍ୟକାରିତା ସମ୍ବନ୍ଧିତ ପ୍ରଶାସନିକ ଓ ଆର୍ଥିକ ଦିଗ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ।

ସହରାଞ୍ଚଳ ସ୍ତରରେ ପ୍ରକଳ୍ପଗୁଡିକର ତ୍ୱରିତ କାର୍ଯ୍ୟାନ୍ୱୟନ ନିମନ୍ତେ ଆନ୍ତଃ-ବିଭାଗୀୟ ସମନ୍ୱୟ ଉପରେ ମୁଖ୍ୟ ଶାସନ ସଚିବ ପାଢ଼ୀ ଗୁରୁତ୍ୱ ଆରୋପ କରିଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସାରି ସହରବାସୀଙ୍କୁ ସେବା ଯୋଗାଣ ନିଶ୍ଚିତ କରାଇବା ନିମନ୍ତେ ମୁଖ୍ୟ ଶାସନ ସଚିବ ବିଭାଗଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ଅମୃତ ମିଶନର ରାଜ୍ୟ ନିର୍ଦ୍ଦେଶକ ପ୍ରେମ୍ କୁମାର ଝା କହିଛନ୍ତି ଯେ, ୨୦୧୫-୧୬, ୨୦୧୬-୧୭ ଏବଂ ୨୦୧୭-୧୮ ଏହି ତିନି ଆର୍ଥିକ ବର୍ଷରେ ଓଡ଼ିଶା ଜାତୀୟସ୍ତରରେ ପ୍ରଥମ ୩ ରାଜ୍ୟଙ୍କ ଭିତରେ ସ୍ଥାନ ହାସଲ କରିଛି। ଗତ ଆର୍ଥିକ ବର୍ଷ ଅର୍ଥାତ ୨୦୧୭-୧୮ରେ ଓଡ଼ିଶା ଜାତୀୟ ର୍‍ୟାଙ୍କିଙ୍ଗ୍ ପୋର୍ଟାଲରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଆନ୍ଧ୍ରପ୍ରଦେଶ ପ୍ରଥମ ଏବଂ ମଧ୍ୟପ୍ରଦେଶ ତୃତୀୟ ସ୍ଥାନ ହାସଲ କରିଛନ୍ତି।

ସେହିପରି ବୈଠକରୁ ମିଳିଥିବା ସୂଚନାନୁଯାୟୀ, ଏଯାବତ୍ ୯ଟି ଅମୃତ ଯୋଜନା ଅନ୍ତର୍ଭୁକ୍ତ ସହରାଞ୍ଚଳମାନଙ୍କ ପାଇଁ ସମୁଦାୟ ୧୯୧ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏଥିପାଇଁ ସମାନ ସଂଖ୍ୟକ ୧୯୧ଟି ପ୍ରକଳ୍ପର ଟେଣ୍ଡର ଆହ୍ୱାନ ସରିଛି। ୧୮୮ର କାର୍ଯ୍ୟାଦେଶ ଦିଆଯାଇଛି। ସେଥିରୁ ୫୩ଟି ପ୍ରକଳ୍ପର ନିର୍ମାଣ ପୂର୍ଣ୍ଣାଙ୍ଗ ହୋଇଛି। ଅନୁମୋଦିତ ପ୍ରକଳ୍ପ ମଧ୍ୟରୁ ୧୩୦ ପାନୀୟଜଳ, ୧୩ ନର୍ଦ୍ଦମା ପରିଚାଳନା ଏବଂ ୪୮ଟି ଜନସାଧାରଣ ଲାଗି ପାର୍କ ନିର୍ମାଣ ପ୍ରକଳ୍ପ ବୋଲି ମିଶନ ନିର୍ଦ୍ଦେଶକ ଝା ଜଣାଇଥିଲେ। ଯୋଜନା ପାଇଁ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ୫୦ ପ୍ରତିଶତ ଅର୍ଥ ବ୍ୟୟ କରୁଛନ୍ତି। ଏଯାବତ୍ ମୋଟ ୭୮୮.୩୦ କୋଟି ଟଙ୍କା ବିନିଯୋଗ ହୋଇଛି।

ରାଜଧାନୀ ଭୁବନେଶ୍ୱର, କଟକ, ପୁରୀ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ବାଲେଶ୍ୱର, ଭଦ୍ରକ ଏବଂ ବାରିପଦାରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ୨୦୧୫-୧୬ରୁ ଆରମ୍ଭ କରି ୫ ବର୍ଷ ମଧ୍ୟରେ ମୋଟ ୧୬୦୦ କୋଟି ଟଙ୍କାର ପ୍ରକଳ୍ପକୁ ଏହି ସହରମାନଙ୍କରେ କାର୍ଯ୍ୟାନ୍ୱୟନ କରାଯିବାର ଲକ୍ଷ୍ୟ ରଖାଯାଇଛି। ପ୍ରାୟ ୧୧୦୦ କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ୧୯୧ଟି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରାଯାଇଛି।

## ଅତିରିକ୍ତ ଜିଲାପାଳମାନଙ୍କ ସମ୍ମିଳନୀ

# 'ରାଜସ୍ୱ ମନ୍ତ୍ରୀଙ୍କ ହେଲ୍ପ ଲାଇନ୍' ଲୋକାର୍ପିତ

**ରାଜସ୍ୱ ସେବା ସମ୍ପର୍କିତ ଅଭିଯୋଗର ହେବ ତ୍ୱରିତ ଶୁଣାଣି**

**ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)**

ରାଜସ୍ୱ ପ୍ରଶାସନକୁ ଅଧିକ ସ୍ୱଚ୍ଛ, କ୍ରିୟାଶୀଳ ଓ ଲୋକାଭିମୁଖୀ କରାଯିବ। ଏହାଦ୍ୱାରା ରାଜସ୍ୱ ବିଭାଗୀୟ ସୁଫଳ ଶୀଘ୍ର ପହଞ୍ଚିବ। ଏହା ହିଁ ପ୍ରଶାସନର ମୂଳ ଲକ୍ଷ୍ୟ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ ଡ. ଚନ୍ଦ୍ରଶେଖର କୁମାର ସଚିବାଳୟଠାରେ ବୁଧବାର ଅନୁଷ୍ଠିତ ଅତିରିକ୍ତ ଜିଲାପାଳମାନଙ୍କ ସମ୍ମିଳନୀରେ ଅଧ୍ୟକ୍ଷତା କରି ଏପରି କହିଛନ୍ତି। ଏହି ଅବସରରେ ରାଜସ୍ୱ ବିଭାଗ ସମ୍ପର୍କିତ ଏକ ହେଲ୍ପଲାଇନ୍‌କୁ ଲୋକାର୍ପଣ କରାଯାଇଛି। ରାଜସ୍ୱ ବିଭାଗର କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ଧାର୍ଯ୍ୟ ସମୟ ମଧ୍ୟରେ ରାଜସ୍ୱ ସେବା ଯୋଗାଇଦେବା ଉପରେ ସଚିବ ଗୁରୁତ୍ୱ ଦେଇଛନ୍ତି।

ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ପରିକଳ୍ପନା ଅନୁଯାୟୀ ଏକ ନୂତନ ପଦକ୍ଷେପ ସ୍ୱରୂପ ବିଭାଗ ପକ୍ଷରୁ ଏହି ହେଲ୍ପ ଲାଇନ୍ ପ୍ରସ୍ତୁତ କରାଯାଇଛି। ଆୟ ପ୍ରମାଣପତ୍ର, ବାସିନ୍ଦା ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର ସମେତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୩୧ଟି ସେବାକୁ ଓଡ଼ିଶା ଲୋକସେବା ଅଧିନିୟମ-୨୦୧୨ରେ ଅନ୍ତର୍ଭୁକ୍ତ କରାଯାଇଛି। ରାଜସ୍ୱ ମନ୍ତ୍ରୀ ହେଲ୍ପ ଲାଇନ୍ ମାଧ୍ୟମରେ ସାଧାରଣ ନାଗରିକ ଯେଉଁ ସେବାଗୁଡ଼ିକୁ ଦରଖାସ୍ତ କରି ଠିକଣା ସମୟରେ ପାଇପାରୁ ନ ଥିବେ ସେମାନେ ତାଙ୍କର ଅଭିଯୋଗକୁ ଟୋଲ ଫ୍ରି ନଂ-୧୮୦୦-୩୦୦-୨୬୩୧୪ରେ ଜଣାଇ ପାରିବେ। ଏଥିସହିତ ମୋବାଇଲ୍ ଯୋଗେ ୭୫୨୭୦-୭୦୮୦୦କୁ ଏସ୍‌ଏମ୍‌ଏସ୍ ପଠାଇପାରିବେ। revhelplineod@gov.in ଇ-ମେଲ ଯୋଗେ କିମ୍ବା helpline.revenueodisha.gov.in ୱେବ୍‌ସାଇଟକୁ ଯାଇ ଅଭିଯୋଗ ଦରଜ କରିପାରିବେ। ଏଥିନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ ଏକ ରାଜସ୍ୱ ମନ୍ତ୍ରୀଙ୍କ ସହାୟତା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଜିଲାସ୍ତରରେ ଏକ ପରିଚାଳନା କେନ୍ଦ୍ର ମଧ୍ୟ ସ୍ଥାପନ କରାଯାଉଛି। ଏହି ଡାଇନାମିକ୍ ୱେବ୍‌ପୋର୍ଟାଲ ମାଧ୍ୟମରେ ଅଭିଯୋଗଗୁଡ଼ିକର ରେଜିଷ୍ଟ୍ରେଶନ୍ ଓ ପରିଚାଳନାକୁ ତଦାରଖ କରିବା ପାଇଁ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ତହସିଲ କାର୍ଯ୍ୟାଳୟର ସମସ୍ତ ଅଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇ ୟୁଜର୍ ଆଇଡି ଓ ପାସ୍‌ୱାର୍ଡ ପ୍ରଦାନ କରାଯାଉଛି। ଜନସାଧାରଣଙ୍କୁ ତ୍ୱରିତ ନିର୍ଦ୍ଦିଷ୍ଟ ସମୟରେ ସେବା ପ୍ରଦାନ କରିବା ସହିତ ସମସ୍ତ ଅଭିଯୋଗଗୁଡ଼ିକର ପ୍ରତିକାର ଓ ସମାଧାନ କରିବା ଦିଗରେ ଏହି ହେଲ୍ପ ଲାଇନ୍ ବିଶେଷ ସହାୟକ ହେବ ବୋଲି ପ୍ରମୁଖ ଶାସନ ସଚିବ କହିଛନ୍ତି।

ଏଣିକି ସିଧାସଳଖ ସ୍ପିଡ୍ ପୋଷ୍ଟ ଦ୍ୱାରା କ୍ରେତାଙ୍କ ନିକଟକୁ ଜମି ପଟ୍ଟା ପ୍ରେରଣ କରାଯିବା ନିମନ୍ତେ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଲଫାପାକୁ ପ୍ରମୁଖ ଶାସନ ସଚିବ ଡ. ଚନ୍ଦ୍ରଶେଖର ଉନ୍ମୋଚନ କରିଥିଲେ। ଏହି ସମ୍ମିଳନୀରେ ଡେଲି ବୁଲେଟିନ୍ ଅନ୍ତର୍ଗତ ଦାଖଲ-ଖାରଜ ମାମଲା, ଓଏଲ୍‌ଆର୍ ଆକ୍ଟ ୮-ଏ ଅନ୍ତର୍ଗତ ମାମଲା ଓ ୧୯-୧ ସି ମାମଲା ଫଇସଲାର ଅଗ୍ରଗତି, ଭୂ-ନକ୍ସାର ସଂଶୋଧନ, ବସୁନ୍ଧରା ଯୋଜନାରେ ଘରଡିହ ନ ଥିବା ଲୋକଙ୍କୁ ପଟ୍ଟା ଯୋଗାଣ, ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ନିୟମିତ କ୍ୟାମ୍ପ କୋର୍ଟ ଆୟୋଜନ କରି ବକେୟା ମାମଲାର ଫଇସଲା, ପେନ୍‌ସନ୍ ମାମଲାର ଆଶୁ ଫଇସଲା, ଇ-ରେଜିଷ୍ଟ୍ରେଶନ୍, ଗୋ-ସୁଇଫ୍ଟ, ଇ-ଗଭର୍ନାନ୍ସ ଆଦି ବିଷୟରେ ସମୀକ୍ଷା କରାଯାଇଥିଲା। ଉକ୍ତ ସମ୍ମିଳନୀରେ ସମସ୍ତ ଜିଲାର ଅତିରିକ୍ତ ଜିଲାପାଳ,ଉପଜିଲାପାଳଙ୍କ ସମେତ ରାଜସ୍ୱ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।





ସଚିବାଳୟରେ ବୁଧବାର ଅନୁଷ୍ଠିତ ଅତିରିକ୍ତ ଜିଲାପାଳମାନଙ୍କ ସମ୍ମିଳନୀରେ ମଞ୍ଚାସୀନ ବିଭାଗୀୟ ଅଧିକାରୀମାନେ ।

# ୫୨୦ କୋଟି ଟଙ୍କାର କେନ୍ଦୁପତ୍ର କାରବାର ଲକ୍ଷ୍ୟ

- ପତ୍ର ସଂଗ୍ରହକାରୀଙ୍କ ସୁବିଧା ସୁଯୋଗ ପ୍ରକ୍ରିୟା ସରଳୀକରଣ ଉପରେ ଗୁରୁତ୍ୱ
- ପତ୍ର ତୋଳାଳିଙ୍କ ମୃତ୍ୟୁ ସହାୟତା ରାଶି ୧ଲକ୍ଷରୁ ୨ଲକ୍ଷ ଟଙ୍କାକୁ ବୃଦ୍ଧି

**ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)**

ଚଳିତ ବର୍ଷ ପ୍ରତିକୂଳ ଜଳବାୟୁକୁ ନେଇ ପ୍ରାୟ ୫୨୦କୋଟି ଟଙ୍କାର କେନ୍ଦୁପତ୍ର କାରବାର ହେବାର ଲକ୍ଷ୍ୟ ରଖାଯାଇଛି। ବୁଧବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସଚିବାଳୟଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କେନ୍ଦୁପତ୍ର ସମନ୍ୱୟ ସମିତି ବୈଠକରେ ଏ ସମ୍ପର୍କରେ ବିଶେଷ ଆଲୋଚନା କରାଯାଇଛି। ଗୁଣାତ୍ମକ ପତ୍ରର ଉତ୍ପାଦନ କମ୍ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ୨୦୧୮-୧୯ ବର୍ଷ ପାଇଁ ପ୍ରାୟ ୫୨୦କୋଟି ଟଙ୍କାର କେନ୍ଦୁପତ୍ର ପତ୍ର କାରବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବୈଠକରେ ଆଲୋଚନା ହୋଇଛି।

ପତ୍ର ସଂଗ୍ରହ, ପ୍ରକ୍ରିୟାକରଣ ଏବଂ ଗଚ୍ଛିତ ରଖିବା ଆଦି କାର୍ଯ୍ୟରେ ନିୟୋଜିତ ଥିବା ଲୋକଙ୍କୁ ସେମାନଙ୍କ ପ୍ରାପ୍ୟ ଓ ସହାୟତା ପ୍ରଦାନ ପ୍ରକ୍ରିୟାକୁ ସରଳୀକରଣ ଏବଂ ତ୍ୱରାନ୍ୱିତ କରିବା ପାଇଁ ପାଢ଼ୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦୁପତ୍ର କାରବାର ଏକ ଅନିଶ୍ଚିତ ଜୀବିକା ହୋଇଥିବା କାରଣରୁ ପତ୍ର ତୋଳାଳିମାନଙ୍କୁ ବିକଳ୍ପ ଜୀବିକା ବିଷୟରେ ଅନୁପ୍ରେରଣା ଦିଆଯିବ। ଏଥିଲାଗି ବିଭିନ୍ନ ବିଭାଗ ସହ ସମନ୍ୱିତ ଭାବେ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ପାଇଁ ଉନ୍ନୟନ କମିଶନର ଆର. ବାଲକ୍ରିଷ୍ଣନ ପରାମର୍ଶ ଦେଇଛନ୍ତି। କେନ୍ଦୁପତ୍ର ସଂଗ୍ରହକାରୀଙ୍କ ପାଇଁ ଅଧିକ ହାରରେ ପ୍ରିମିୟମ ଦାଖଲ କରାଯାଇ ବୀମା ସହାୟତା ରାଶି ବୃଦ୍ଧି କରାଯାଇଛି। ପୂର୍ବରୁ ପତ୍ର ତୋଳାଳିମାନଙ୍କ ମୃତ୍ୟୁ ହେଲେ ନିକଟତମ ସମ୍ପର୍କୀୟଙ୍କୁ ପ୍ରାୟ ୧ଲକ୍ଷ ଟଙ୍କା ମିଳୁଥିଲା ବର୍ତ୍ତମାନ ଏହାକୁ ୨ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଦୁର୍ଘଟଣାଜନିତ ମୃତ୍ୟୁରେ ବୀମା ରାଶିକୁ ୨ଲକ୍ଷରୁ ୪ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ବ୍ୟତୀତ ସେମାନଙ୍କ ପରିବାରଙ୍କ ଚିକିତ୍ସା ଖର୍ଚ୍ଚ ବାବଦକୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ଯୋଗାଇ ଦିଆଯାଉଛି। ଗୋଟିଏ ପରିବାରର ୨ଜଣ ଝିଅଙ୍କ ବିବାହ ଖର୍ଚ୍ଚ ବାବଦକୁ ୨୫ହଜାର ଟଙ୍କା ଲେଖା ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଦିଆଯାଉଛି। ପିଲାମାନଙ୍କ ପାଠପଢ଼ା ବାବଦ ଖର୍ଚ୍ଚ ପାଇଁ ୧୦ହଜାର ଟଙ୍କାରୁ ୩୦ହଜାର ଟଙ୍କା ପର୍ଯ୍ୟନ୍ତ ଦିଆଯାଉଛି। ୨୦୧୭ରେ କେନ୍ଦୁପତ୍ର ବିକ୍ରିରୁ ସମୁଦାୟ ୬୫୧କୋଟି ଟଙ୍କା ମିଳିଥିବା ବିଭାଗ ପକ୍ଷରୁ କୁହାଯାଇଛି। ସେଥିରୁ ବର୍ତ୍ତମାନ ସୁଦ୍ଧା କେନ୍ଦୁପତ୍ର ତୋଳାଳିଙ୍କୁ ପତ୍ର ମୂଲ୍ୟ ବାବଦରେ ୧୫୯କୋଟି ଟଙ୍କା, ବୋନସ୍ ବାବଦରେ ୧୬୦କୋଟି ଟଙ୍କା ଏବଂ ଅନ୍ୟାନ୍ୟ ସହାୟତା ବାବଦକୁ ୮୦କୋଟି ଟଙ୍କା ବଣ୍ଟନ କରାଯାଇଛି।



କଥା କହିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମ କଥା ଶୁଣିବାକୁ ବ୍ୟାକୁଳ ହେବେ। କଥା ଶୁଣିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମକୁ ପ୍ରତ୍ୟେକ କଥା କହିବେ।
- ଚାଣକ୍ୟ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ପିକକ୍ ପକ୍ଷରୁ ଶିଶୁ ଅଧିକାର ସମ୍ପର୍କିତ ଜାତୀୟ ଆଲୋଚନାଚକ୍ର, ପାନ୍ଥନିବାସ, ପୂର୍ବାହ୍ନ ୧୦ଟା।
- ପଥପ୍ରାନ୍ତ ନାଟକ 'ଭ୍ରଷ୍ଟାଚାର ହଟାଓ, ନୟାଦେଶ ବନାଓ' ପରିବେଷଣ, କଂଗ୍ରେସ ଭବନ ସମ୍ମୁଖ, ପୂର୍ବାହ୍ନ ୧୦ଟା ୩୫।
- ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା ପକ୍ଷରୁ ବାର୍ଷିକ ମୃତ୍ତିକା ହସ୍ତଶିଳ୍ପ (ଟେରାକୋଟା) ପ୍ରଦର୍ଶନୀ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୧ଟା।
- ଆଦିରତ୍ନ ଦାଦୀ ସନ୍ଦେଶୀଜୀଙ୍କ ଏକାଦଶତମ ପୁଣ୍ୟତିଥି ପାଳନ ଅବସରରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ, ତିରୁମାଲା ତିରୁପତି ଦେବସ୍ଥାନ କଲ୍ୟାଣ ମଣ୍ଡପ, ଜୟଦେବ ବିହାର, ପୂର୍ବାହ୍ନ ୧୧ଟା।
- ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗ ପକ୍ଷରୁ 'ପ୍ରାଣୀସମ୍ପଦର ଗୁଣାତ୍ମକ ମାନ ବୃଦ୍ଧି ମାଧମରେ କୃଷକମାନଙ୍କର ଆୟ ଅଭିବୃଦ୍ଧି ନିମନ୍ତେ ପ୍ରାଣୀ ଚିକିତ୍ସା ଅଧିକାରୀମାନଙ୍କ ଭୂମିକା' ସମ୍ପର୍କିତ କର୍ମଶାଳା, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୧ଟା ୪୫।
- ଭୁବନେଶ୍ୱର ଡିଷ୍ଟ୍ରିକ୍ଟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ପକ୍ଷରୁ ୨୮ତମ ଜିଲା କ୍ୟାମ୍ପୋରୀ ଉଦ୍‌ଘାଟନ, କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍-୩, ଅପରାହ୍ନ ୪ଟା।
- ଓମ୍ ଧ୍ୱନି ପକ୍ଷରୁ ସଙ୍ଗୀତ ସନ୍ଧ୍ୟା, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ଭାରତୀୟ ବିପଣନ କେନ୍ଦ୍ର ଓ ସ୍ୱଦେଶୀ ଜାଗରଣ ମଞ୍ଚ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ସ୍ୱଦେଶୀ ମେଳା, କ୍ଲବ ଟାଉନ୍ ପଡ଼ିଆ, ପଟିଆ, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ଫ୍ରେଣ୍ଡସ୍ କ୍ଲବ ଲକ୍ଷ୍ମୀପୂଜା ସମିତି ପକ୍ଷରୁ ୩୮ତମ ଗଜଲକ୍ଷ୍ମୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ୟୁନିଟ୍-୯, ଫ୍ରେଣ୍ଡ୍ସ କ୍ଲବ ପଡ଼ିଆ, ରୋଡ୍ ନଂ. ୬, ସନ୍ଧ୍ୟା ୬ଟା।
- ଓଡ଼ିଶା-ନ୍ୟୁ ସାଉଥ୍ ୱେଲ୍ସ ହକି ସିରିଜ୍, କଳିଙ୍ଗ ହକି ଷ୍ଟାଡିୟମ୍, ସନ୍ଧ୍ୟା ୬ଟା।
- ନୂଆସାହି ମହାବୀର ସାମାଜିକ ସଙ୍ଗଠନ, ନୂଆପଲ୍ଲୀ ପକ୍ଷରୁ ମହମବତି ଶୋଭାଯାତ୍ରା, ନୂଆସାହି ମହାବୀର ପୂଜାମଣ୍ଡପ, ସନ୍ଧ୍ୟା ୬ଟା।
- ତ୍ରିଧାରା ପକ୍ଷରୁ ୧୨ତମ ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବ-୨୦୧୮, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ଉତ୍କଳ ସମ୍ମିଳନୀ କଟକ ଜିଲା ଆନୁକୂଲ୍ୟରେ କବି ଜୟଦେବ ସ୍ମୃତିସନ୍ଧ୍ୟା, ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣ, ତେଲେଙ୍ଗାବଜାର, ଅପରାହ୍ନ ୫ଟା।
- ସାରଳା ସାହିତ୍ୟ ସଂସଦ ପକ୍ଷରୁ କବି ଡ. ମାୟାଧର ମାନସିଂଙ୍କ ସ୍ମୃତି ସମାରୋହ, ସାରଳା ଭବନ, ସନ୍ଧ୍ୟା ୬ଟା।

# ଅବ୍ୟବସ୍ଥାରୁ ବାହାରିପାରୁନି ସଂସ୍କୃତି ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ)**

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଲାଗିରହିଛି ଅବ୍ୟବସ୍ଥା। ଦୁଇବର୍ଷ ହେଲା ସ୍ଥାୟୀ କ୍ୟାମ୍ପସ୍‌କୁ ସ୍ଥାନାନ୍ତର ହେବା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିନି କ୍ୟାମ୍ପସ୍। ପାଠପଢ଼ାରୁ ଆରମ୍ଭ କରି ଭିତ୍ତିଭୂମି ପର୍ଯ୍ୟନ୍ତ, ସବୁଠି କେବଳ ସମସ୍ୟା ଆଉ ଅବ୍ୟବସ୍ଥା। ବହୁ ଦିନ ହେବ ପରୀକ୍ଷା ନିୟନ୍ତ୍ରକ ପଦବୀ ଖାଲିପଡ଼ିଛି। ଉଚ୍ଚଶିକ୍ଷା ବିଭାଗରୁ ଡେପୁଟେଶନରେ ଆସିଥିବା କୁଳସଚିବ ସୁମନ ଦାସ ନିଜ ବିଭାଗକୁ ଫେରିଯିବାକୁ ଥିବା ବେଳେ ବିତ୍ତ ନିୟନ୍ତ୍ରକଙ୍କର ମଧ୍ୟ ଇତିମଧ୍ୟରେ ବଦଳି ହୋଇଛି। କେବଳ କୁଳପତିଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ପ୍ରମୁଖ ପଦବୀ ଖାଲି ପଡ଼ିବାକୁ ଯାଉଛି। ଏଭଳିସ୍ଥଳେ ବିଶ୍ୱବିଦ୍ୟାଳୟରେ ଏକପ୍ରକାର ଅଚଳାବସ୍ଥା ଦେଖାଯିବା ଆଶଙ୍କା ସୃଷ୍ଟି ହୋଇଛି।

କୁଳସଚିବ ଆସନ୍ତା ୬ ତାରିଖରେ ଉଚ୍ଚଶିକ୍ଷା ବିଭାଗକୁ ଫେରିଯିବାକୁ ଆବେଦନ କରିଛନ୍ତି। ଏପଟେ କିନ୍ତୁ ଏ ପର୍ଯ୍ୟନ୍ତ ନୂତନ ନିଯୁକ୍ତି ପାଇଁ କୌଣସି ତତ୍ପରତା ପ୍ରକାଶ ପାଇନି। କୁଳସଚିବ ବର୍ତ୍ତମାନ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଦାୟିତ୍ୱରେ ମଧ୍ୟ ରହିଛନ୍ତି। ଏକାବେଳେ ବିଶ୍ୱବିଦ୍ୟାଳୟର ଦୁଇଟି ପ୍ରମୁଖ ପଦବୀରେ ରହିଥିବାରୁ ତାଙ୍କ ଯିବା ପରେ ସୃଷ୍ଟି ହେବାକୁ ଥିବା ପରିସ୍ଥିତିକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ସେପଟେ ବିଶ୍ୱବିଦ୍ୟାଳୟର ବିତ୍ତ ନିୟନ୍ତ୍ରକଙ୍କର ବଦଳି ହୋଇଯାଇଛି। ନୂତନ ନିଯୁକ୍ତି ହୋଇ ନ ଥିବାରୁ ସେ ଯାଇ ପାରୁ ନ ଥିବା ଜଣାପଡ଼ିଛି। ଏବେ କେବଳ କୁଳପତି ପ୍ରଫେସର କମଳକାନ୍ତ ମିଶ୍ର ଓ ପିଜି କାଉନ୍‌ସିଲ ଅଧ୍ୟକ୍ଷ ପ୍ରଫେସର ଜଗନ୍ନାଥ କୁଅଁରଙ୍କୁ ଛାଡ଼ିଦେଲେ ସେଭଳି କୌଣସି ବଡ଼ ଅଧିକାରୀ ଏଠାରେ ନାହାନ୍ତି।

- ଖାଲିପଡ଼ିଛି ପ୍ରମୁଖ ପଦବୀ
- ନାହାନ୍ତି ପରୀକ୍ଷା ନିୟନ୍ତ୍ରକ, ବିତ୍ତ ନିୟନ୍ତ୍ରକଙ୍କ ବଦଳି
- ହଷ୍ଟେଲରେ ଚାଲିଛି ପାଠପଢ଼ା

ଦୁଇବର୍ଷ ତଳେ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗ ସଚିବ ମନୋରଞ୍ଜନ ପାଣିଗ୍ରାହୀ କହିଥିଲେ, ପ୍ରଥମେ ସ୍ଥାୟୀ କ୍ୟାମ୍ପସ୍‌କୁ ବିଶ୍ୱବିଦ୍ୟାଳୟ ଯାଉ। ଅଳ୍ପଦିନ ମଧ୍ୟରେ ସବୁକିଛି ଠିକ୍ ହୋଇଯିବ। ଖୁବ୍‌ଶୀଘ୍ର ନୂତନ ନିଯୁକ୍ତି ମଧ୍ୟ ଦିଆଯିବ। ହେଲେ ଇତିମଧ୍ୟରେ ଦୁଇବର୍ଷ ବିତିଯାଇଥିଲେ ସୁଦ୍ଧା ପ୍ରଶାସନିକ କୋଠା କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଶେଷ ହୋଇପାରିନି। ହଷ୍ଟେଲରେ କ୍ଲାସ୍ କରାଯାଉଛି। ପ୍ରଥମରୁ ହିଁ ବିଶ୍ୱବିଦ୍ୟାଳୟରେ କର୍ମଚାରୀଙ୍କ ଅଭାବ ସମସ୍ୟା ଲାଗିରହିଥିଲେ ହେଁ ଆଜି ପର୍ଯ୍ୟନ୍ତ ଖାଲିପଡ଼ିଥିବା ପଦବୀରେ ନିଯୁକ୍ତି କିମ୍ବା ନୂତନ ନିଯୁକ୍ତି ପ୍ରକ୍ରିୟା ଆଗେଇ ପାରୁନି। ଗୋଟିଏ ଥର ଆବେଦନ ଆରମ୍ଭ ହୋଇ ତାହାକୁ ବାତିଲ୍ କରାଯାଇଥିବା ବେଳେ ସବୁକିଛି ଅଧାପନ୍ତରିଆ ହୋଇପଡ଼ିରହିଛି। ଏପଟେ ସ୍ଥାୟୀ କର୍ମଚାରୀ ନ ଥିବାରୁ ଅସ୍ଥାୟୀ କର୍ମଚାରୀଙ୍କ ଉପରେ ନିର୍ଭର କରି ବିଶ୍ୱବିଦ୍ୟାଳୟ ଚାଲିଛି। ସେହିଭଳି ଛାତ୍ରୀଛାତ୍ରଙ୍କ ସମସ୍ୟା ମଧ୍ୟ ଜଟିଳ। ସହରଠାରୁ କ୍ୟାମ୍ପସ୍ ଦୂରରେ ରହିଥିଲେ ବି ପିଲାମାନଙ୍କ ଜରୁରିକାଳୀନ ଚିକିତ୍ସା ପାଇଁ କୌଣସି ବ୍ୟବସ୍ଥା କରାଯାଇନି। ଆମ୍ବୁଲାନ୍ସ ଏବଂ ଫାଷ୍ଟ୍‌ଏଡ୍ ସୁବିଧା ନ ଥିବାରୁ ହଠାତ୍ ଦେହ ଖରାପ ହେଲେ ମେଡିକାଲ ନେବାକୁ କେହି ନାହାନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ବସ୍ କରାଯାଇ କର୍ମଚାରୀ, ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କୁ ପୁରୁଣା କ୍ୟାମ୍ପସ୍‌ରୁ ସ୍ଥାୟୀ କ୍ୟାମ୍ପସ୍‌କୁ ପ୍ରତିଦିନ ନିଆଯାଉଛି। ଏଥିପାଇଁ ପ୍ରତି ୬ ମାସକୁ ୮୫୦ ଟଙ୍କା ଦେବାକୁ ପଡୁଛି। ପ୍ରଥମେ କିଛିଦିନ ମାଗଣାରେ ନିଆଯାଉଥିବା ବେଳେ ଏବେ ଅର୍ଥ ଆଦାୟ କରାଯାଉଥିବାରୁ ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଅନ୍ୟପକ୍ଷରେ ପୂର୍ତ୍ତ ବିଭାଗର ଯୁଗ୍ମ ସଚିବ ରାଜଶ୍ରୀ ସିଂଙ୍କୁ କୁଳସଚିବ ପଦବୀ ନିମନ୍ତେ ବଦଳି କରାଯାଇଥିବା ସୂଚନା ମିଳିଛି। ମାତ୍ର ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନି।

ପଦବୀ ଖାଲି ପଡ଼ିଥିବା ନେଇ କୁଳପତି ମିଶ୍ର କହିଛନ୍ତି, ୟୁଜିସି ନିର୍ଦ୍ଦେଶ ଅନୁଯାୟୀ, ଭାରତ ସାରା କୌଣସି ବିଶ୍ୱବିଦ୍ୟାଳୟରେ ବର୍ତ୍ତମାନ ଅଧ୍ୟାପକ ପଦବୀ ପାଇଁ ନିଯୁକ୍ତି ଦିଆଯାଉନି। ତେଣୁ ଅଧ୍ୟାପକ ପଦବୀ ନିଯୁକ୍ତି ପାଇଁ ଏବେ କୌଣସି ସମ୍ଭାବନା ନାହିଁ। ଯେଉଁ ପ୍ରମୁଖ ପଦବୀଗୁଡ଼ିକ ଖାଲି ରହିଛି, ସେଥିପାଇଁ ନୋଟିଫିକେଶନ ହୋଇଗଲାଣି। ପୁରୁଣା ଅଧିକାରୀ ଗଲେ, ନୂଆ ଅଧିକାରୀ ଆସି ଯୋଗଦେବେ।

## ଅଟୋ ପୋଡ଼ିରୁ ଗୋଷ୍ଠୀ ସଂଘର୍ଷ

**ପାତ୍ରପଡ଼ା, ୩୧।୧୦(ଡି.ଏନ.ଏ.)**

ଖଣ୍ଡଗିରି ଥାନା ସରକନ୍ତରାରେ ବୁଧବାର ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ପରେ ଉତ୍ତେଜନା ଦେଖାଦେଇଛି। ଏ ନେଇ ଖଣ୍ଡଗିରି ଥାନାରେ ଦୁଇଟି ଅଭିଯୋଗ କରାଯାଇଛି। ସୂଚନା ମୁତାବକ, ମଙ୍ଗଳବାର ରାତିରେ ସରକନ୍ତରା ଅଞ୍ଚଳରେ ମେଲୋଡି କାର୍ଯ୍ୟକ୍ରମ ଚାଲିଥିବା ବେଳେ କୌଣସି କାରଣକୁ ନେଇ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଏହାକୁ ନେଇ ଗାଁର କେତେଜଣ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ସରକନ୍ତରା ଅଞ୍ଚଳର ଜଣେ ଯୁବକଙ୍କ ଦୁଇଟି ଅଟୋକୁ କେହି ଦୁର୍ବୃତ୍ତ ପୋଡ଼ି ଦେଇଥିଲେ। ଏହାକୁ ନେଇ ବୁଧବାର ପୂର୍ବାହ୍ନରେ ଗାଁର କେତେଜଣ ଯୁବକଙ୍କ ମଧ୍ୟରେ କଥା କଟାକଟି ହୋଇ ମାରପିଟ ହୋଇଥିଲା। ଏ ନେଇ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ବିଜନେସ୍ କନ୍‌କ୍ଲେଭ-୨୦୧୮ ଉଦ୍‌ଯାପିତ

# 'ବ୍ୟବସାୟ ଦେଶର ଅର୍ଥନୀତିକୁ ଆଗେଇ ନେଇପାରିବ'

**ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)**

ସାଇ ଇଣ୍ଟରନ୍ୟାଶନାଲ୍ କଲେଜ୍ ଅଫ୍ କମର୍ସ ପକ୍ଷରୁ ଚାଲିଥିବା ବିଜନେସ କନ୍‌କ୍ଲେଭ-୨୦୧୮ର ତୃତୀୟ ସଂସ୍କରଣ ବୁଧବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି, ବ୍ୟବସାୟ ମାଧ୍ୟମରେ ଦେଶର ଅର୍ଥନୀତକୁ ଆଗେଇ ନିଆଯାଇପାରିବ। ଏହା ଠିକ୍ ରୂପେ ହେବା ଉଚିତ୍। ଯୁବ ଛାତ୍ରୀଛାତ୍ରମାନଙ୍କୁ ନେତୃତ୍ୱ ନେବାର କୌଶଳ, ଦଳଗତ ଓ ଉଦ୍ୟମୀ ମନୋଭାବ, ସଫଳ ଉଦ୍ୟୋଗପତି ଓ ସର୍ବୋପରି ଜୀବନ କୌଶଳର ଅଭିନବ ବିଚାରଧାରା ବିଷୟରେ ଏହି କନ୍‌କ୍ଲେଭ ମାଧ୍ୟମରେ ଶିକ୍ଷା ଦିଆଯାଇପାରିବ ବୋଲି ରାଜ୍ୟପାଳ କହିଥିଲେ। ଶେଷରେ ଏକ ସ୍ୱଚ୍ଛ ଓ ପ୍ରଦୂଷଣ ମୁକ୍ତ ଭାରତ ଗଢ଼ି ତୋଳିବାରେ ଯୁବ ସମାଜକୁ ଆଗେଇ ଆସିବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ।

ସାଇ ଇଣ୍ଟରନ୍ୟାଶନାଲ୍ ଗ୍ରୁପ୍‌ର ଚେୟାରମ୍ୟାନ୍ ଡ. ବିଜୟ କୁମାର ସାହୁ କହିଥିଲେ, ଛାତ୍ରୀଛାତ୍ରଙ୍କ ମଧ୍ୟରେ କମର୍ସ ପାଠ୍ୟକ୍ରମ ପାଇଁ ଆଗ୍ରହ ସୃଷ୍ଟି କରିବା ଏବଂ ସେମାନଙ୍କୁ ଉଦ୍ୟୋଗପତି କରିବା ପାଇଁ ପ୍ରବର୍ତ୍ତାଇବା ଏହି କନକ୍ଲେଭର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପ୍ରାୟ ୧୫୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କ ସହିତ ବିଭିନ୍ନ ପ୍ରତିଷ୍ଠିତ ବାଣିଜ୍ୟିକ ପ୍ରତିଷ୍ଠାନ, ଆଇଟି ସେଣ୍ଟର, ବ୍ୟାଙ୍କ, କର୍ପୋରେଟ୍ ହାଉସ ଯୋଗଦେଇଥିଲେ। ବେଙ୍ଗାଲୁରୁର କ୍ରିଷ୍ଟ ୟୁନିଭର୍ସିଟି, ମୁମ୍ବାଇର ମିଠିବାଇ କଲେଜ ଓ ପୁଣେ ସିମ୍‌ବୟୋସିସ୍‌ର ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଦୁଇ ଦିନରେ କ୍ୱିଜିମୋଡୋ, ବ୍ରେନ୍ ବକ୍ସର ବ୍ୟୁରୋ କଣ୍ଟେଷ୍ଟ, ଷ୍ଟାର୍ଟଅପ୍ ଡିସ୍କ, ଡ୍ରାମା- ଓ-କ୍ରାଟିକ୍, ମାର୍କେଟ୍ ଷ୍ଟ୍ରାଇକ୍, ପୋଷ୍ଟର ମେକିଂ, ଫେସ୍ ପେଣ୍ଟିଂ, ଓପନ୍ ଇଭେଣ୍ଟ୍ସ ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଶେଷରେ ରାଜ୍ୟପାଳ ଗତ ବର୍ଷର ସାଇ ଇଣ୍ଟରନ୍ୟାଶନାଲ୍ କଲେଜ୍ ଅଫ୍ କମର୍ସ କଲେଜର୍ ୟୁନିଭର୍ସିଟି ଟପ୍ପରମାନଙ୍କୁ ସମ୍ମାନିତ କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କଲେଜର ପ୍ରିନ୍ସିପାଲ୍ ସନ୍ଦୀପ ଘୋଷ ଧନ୍ୟବାଦ ଦେଇଥିଲେ। ସାଇ ଇଣ୍ଟରନ୍ୟାଶନାଲ୍ ଗ୍ରୁପ୍‌ର ଭାଇସ୍ ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଉପସ୍ଥିତ ଥିଲେ।

### ଶ୍ରୀମନ୍ଦିରରେ ଦାନ ଦକ୍ଷିଣା ଆଦାୟ ବନ୍ଦ ପ୍ରସଙ୍ଗ

## ସୁପ୍ରିମ୍‌କୋର୍ଟରେ ଇଚ୍ଛାମୃତ୍ୟୁ ଆବେଦନ କଲେ ନରସିଂହ



**ପୁରୀ ଅଫିସ, ୩୧।୧୦:** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ କୌଣସି ସେବାୟତ ଏବଂ ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀ ଦାନ, ଦକ୍ଷିଣା ସଂଗ୍ରହ କରିପାରିବେ ନାହିଁ ବୋଲି ସୁପ୍ରିମ୍‌କୋର୍ଟଙ୍କ ରାୟ ଦେଇଛନ୍ତି। ଏହାକୁ ନେଇ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଏହି କଟକଣା ଯୋଗୁ ବଞ୍ଚିବାର ଅନ୍ୟ କୌଣସି ରାହା ନ ଥିବା ଦର୍ଶାଇ ଶ୍ରୀମନ୍ଦିରର ସେବାୟତ ନରସିଂହ ପୂଜାପଣ୍ଡା ବୁଧବାର ସୁପ୍ରିମ୍‌କୋର୍ଟଙ୍କ ନିକଟରେ ଇଚ୍ଛାମୃତ୍ୟୁ ଆବେଦନ କରିଛନ୍ତି। ସେ ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ମୁଁ ଶ୍ରୀଜଗନ୍ନାଥ ମନ୍ଦିର ସେବାୟତ ପରିବାରରେ ଜନ୍ମ। ଭକ୍ତଙ୍କୁ ସେବା ଯୋଗାଇ ସେମାନଙ୍କଠାରୁ ଦାନ, ଦକ୍ଷିଣା ଗ୍ରହଣ କରିବାର ପରମ୍ପରା ହଜାର ବର୍ଷ ଧରି ଚାଲିଆସିଛି। ଅଦାଲତ ଏବଂ ସରକାର ଏହାକୁ ବନ୍ଦ କଲେ ଆମେ କିପରି ଜୀବିକା ନିର୍ବାହ କରିବୁ ବୋଲି ପୂଜାପଣ୍ଡା ଆବେଦନରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ନରସିଂହ କହିଛନ୍ତି, ସୁପ୍ରିମ୍‌କୋର୍ଟ ଏବଂ ରାଜ୍ୟ ସରକାର ଦାନ, ଦକ୍ଷିଣା ଆଦାୟ ଉପରେ ରୋକ୍ ଲଗାଇଛନ୍ତି। ଏହା ଆମ ପରିବାରର ବଞ୍ଚିବାର ଏକମାତ୍ର ମାଧ୍ୟମ। ଏହା ବନ୍ଦ କରାଗଲେ ଭୋକରେ ରହି ମରିବା ଅପେକ୍ଷା ଗୋଟିଏ ଦିନ ମରିବା ଭଲ। ସୂଚନାଯୋଗ୍ୟ ଯେ, ରତ୍ନଭଣ୍ଡାର ଖୋଲାଯିବାକୁ ବିରୋଧ କରି ଗତ ମାର୍ଚ୍ଚ ୨୪ ତାରିଖରେ ପୁରୀ ମଣିକର୍ଣ୍ଣିକା ସାହିର ସେବକ ନରସିଂହ ପୂଜାପଣ୍ଡା ପୁରୀ ଉପଜିଲାପାଳଙ୍କ ନିକଟରେ ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିଥିଲେ। ହେଲେ ଏହା ତାଙ୍କ କ୍ଷମତାର ବାହାରେ ବୋଲି ଉପଜିଲାପାଳ ତାଙ୍କୁ ଜଣାଇଥିଲେ।

### ସୁପ୍ରିମ୍‌କୋର୍ଟରେ ଶ୍ରୀମନ୍ଦିର ମାମଲା

# ଆମିକସ୍ କ୍ୟୁରି ଅସୁସ୍ଥ, ନଭେମ୍ବର ୩୦କୁ ଘୁଞ୍ଚିଲା ଶୁଣାଣି

**ପୁରୀ ଅଫିସ, ୩୧।୧୦**

ପୁରୀ ବନ୍ଦ ବେଳେ ହୋଇଥିବା ହିଂସାକାଣ୍ଡ ଏବଂ ଜୋତା ପିନ୍ଧି ପୋଲିସ କର୍ମଚାରୀ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବା ମାମଲାର ଶୁଣାଣିକୁ ସୁପ୍ରିମ୍‌କୋର୍ଟ ବୁଧବାର ସ୍ଥଗିତ ରଖିଛନ୍ତି। ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍‌ଙ୍କ ଅସୁସ୍ଥତା କାରଣରୁ ଏହାର ଶୁଣାଣିକୁ ସୁପ୍ରିମ୍‌କୋର୍ଟ ଘୁଞ୍ଚାଇ ଦେଇଛନ୍ତି। ନଭେମ୍ବର ୩୦ରେ ଏହି ମାମଲାର ଶୁଣାଣି ପାଇଁ ଦିନଧାର୍ଯ୍ୟ କରାଯାଇଛି।

ବିଚାରପତି ମଦନ ବି. ଲୋକୁର, ଏସ୍. ଅବ୍‌ଦୁଲ ନାଜିର ଏବଂ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠରେ ବୁଧବାର ଏହି ମାମଲାର ଶୁଣାଣି ହେବାର ଥିଲା। ତେବେ ଆମିକସ୍ କ୍ୟୁରି ଅସୁସ୍ଥ ରହିଥିବା ନେଇ ତାଙ୍କ ଜୁନିୟର କୋର୍ଟଙ୍କୁ ଅବଗତ କରାଇଥିଲେ। କୋର୍ଟ ଏହାକୁ ଗ୍ରହଣ କରି ମାମଲାର ଶୁଣାଣିକୁ ନଭେମ୍ବର ୩୦କୁ ଘୁଞ୍ଚାଇ ଦେଇଛନ୍ତି। ଓଡ଼ିଶା ହାଇକୋର୍ଟର ଆଇନଜୀବୀ ମୃଣାଳିନୀ ପାଢୀଙ୍କ ପକ୍ଷରୁ ଦାଖଲ କରାଯାଇଥିବା ମାମଲା ଉପରେ ଚଳିତ ମାସ ୧୦ ତାରିଖରେ ଇଣ୍ଟର କଣ୍ଟିନେଣ୍ଟାଲ ଆସୋସିଏଶନ ଦ୍ୱାରା ସୁପ୍ରିମ୍‌କୋର୍ଟରେ ତ୍ୱରିତ ଆବେଦନ ଦାଖଲ କରାଯାଇଥିଲା। ଆବେଦନରେ ପୁରୀ ଜିଲା ଜଜଙ୍କ ପରାମର୍ଶ ଏବଂ ଜୁଲାଇ ୫ ତାରିଖରେ ସୁପ୍ରିମ୍‌କୋର୍ଟ ଦେଇଥିବା ଆଦେଶ ଉପରେ ରହିତାଦେଶ ଜାରି କରିବାକୁ ଅନୁରୋଧ କରାଯାଇଥିଲା। ଏହି ଆବେଦନକୁ କୋର୍ଟ ଗ୍ରହଣ କରି ଜବାବ ଦାଖଲ ପାଇଁ ରାଜ୍ୟ ସରକାର ଏବଂ ମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ରାଜ୍ୟ ସରକାରଙ୍କ ପକ୍ଷରୁ ୩ ପୃଷ୍ଠାର ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ୧୧ ପୃଷ୍ଠାର ସତ୍ୟପାଠ ଦାଖଲ କରାଯାଇଛି। ପୋଲିସ ଯୋତା ପିନ୍ଧି ଅସ୍ତ୍ରଶସ୍ତ୍ର ଧରି ମନ୍ଦିର ଭିତରକୁ ପ୍ରବେଶ କରି ନ ଥିବା ରାଜ୍ୟ ସରକାର ଏବଂ ମନ୍ଦିର ପ୍ରଶାସନ ସତ୍ୟପାଠରେ ଦର୍ଶାଇଛନ୍ତି। ସତ୍ୟପାଠରେ ଆହୁରି ଦର୍ଶାଯାଇଛି ଯେ, ଅକ୍ଟୋବର ୩ରେ ପୁରୀର ଜନସାଧାରଣ ଶ୍ରୀମନ୍ଦିରରେ ଧାଡ଼ିଦର୍ଶନକୁ ବିରୋଧ କରି ବନ୍ଦ ଡାକରା ଦେଇ ନ ଥିଲେ। ବରଂ କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ଧାଡ଼ିଦର୍ଶନକୁ ବିରୋଧ କରିଥିଲେ ବୋଲି ସୁପ୍ରିମ୍‌କୋର୍ଟଙ୍କୁ ଅବଗତ କରାଯାଇଛି। ଏଥିଲାଗି ଶ୍ରୀଜଗନ୍ନାଥ ସେନା, ସଚେତନ ନାଗରିକ ମଞ୍ଚ ଏବଂ ସେବାୟତ ସମ୍ମିଳନୀ ଦାୟୀ। ତେଣୁ ହିଂସାରେ ଘଟିଥିବା କ୍ଷୟକ୍ଷତି ସେହି ସଙ୍ଗଠନଗୁଡ଼ିକୁ ଭରଣା କରିବାକୁ ନିର୍ଦ୍ଦେଶ ଦେବା ପାଇଁ ସତ୍ୟପାଠରେ ଉଲ୍ଲେଖ ଅଛି। ଅନ୍ୟପକ୍ଷରେ ଧାଡ଼ିଦର୍ଶନକୁ ସତ୍ୟପାଠରେ ସମର୍ଥନ କରାଯାଇଛି। ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ ପାଇଁ ଏକାଧିକ କମିଟି ଏବଂ ସବ୍-କମିଟି ଗଠନ କରାଯାଇଛି ବୋଲି ସୁପ୍ରିମ୍‌କୋର୍ଟଙ୍କୁ ଜଣାଯାଇଛି।

## ବନ୍ଦ ହେଲା ନାବାଳିକା ବିବାହ

**ବରକୁ ଗିରଫ କଲା ପୋଲିସ**

**ଖୋର୍ଦ୍ଧା ଅଫିସ,୩୧।୧୦**

ଖୋର୍ଦ୍ଧା ଜିଲା ଛଣଗିରି ଜଙ୍ଗଲ ମଧ୍ୟସ୍ଥ ବଘେଇ ଠାକୁରାଣୀଙ୍କ ମନ୍ଦିରରେ ବୁଧବାର ଚାଲିଥିବା ନାବାଳିକା ବିବାହ ବନ୍ଦ ହୋଇଛି। ଚିଲିକା ସିଡିପିଓଙ୍କ ଅଭିଯୋଗ ପରେ ଜଙ୍କିଆ ଥାନା ପୋଲିସ ମ୍ୟାରେଜ ପ୍ରିଭେନସନ ଆକ୍ଟ ଦଫା ୯ରେ ନଂ. ୧୫୭/୧୮ରେ ମାମଲା ରୁଜୁ କରି ବର ଛଣଗିରିର ଛବିନ୍ଦ୍ର ସେଠୀ(୨୬)ଙ୍କୁ ଗିରଫ କରିଛି। ଅନ୍ୟପକ୍ଷେ ୧୭ ବର୍ଷର ନାବାଳିକାଙ୍କୁ ସିଡବ୍ଲୁସି ଉପସ୍ଥାପନ କରାଯାଇଥିଲା। ପରେ ସର୍ଟ ଷ୍ଟେ ହୋମରେ ରଖାଯାଇଛି। ମିଳିଥିବା ସୂଚନା ଅନୁସାରେ, ବାଲୁଗାଁ ଥାନା ଅଞ୍ଚଳର ନାବାଳିକାଙ୍କୁ ଛଣଗିରିର ଛବିନ୍ଦ୍ର ପ୍ରସ୍ତାବ ପକାଇ ବିବାହ କରିଥିବାର ଜଣାପଡିଛି।

## ପ୍ରାଚୀରରେ ଭିତରକନିକାର ଦୃଶ୍ୟ

**ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)**– ହକି ବିଶ୍ୱକପର ଅବ୍ୟବହିତ ପୂର୍ବରୁ ଷ୍ଟ୍ରିଟ୍ ଆର୍ଟ ଆଣ୍ଡ ମୁରାଲ ପ୍ରକଳ୍ପ(ଷ୍ଟାମ୍ପ) ଅଧୀନରେ ସହରର ବିଭିନ୍ନ ସ୍ଥାନରେ ପ୍ରାଚୀର ଚିତ୍ର କରାଯାଉଛି। ପ୍ରାଚୀରରେ ଅଙ୍କା ଯାଇଥିବା ଚିତ୍ର ସହର ଶୋଭାବର୍ଦ୍ଧନ କରୁଛି। ବୁଧବାର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମିନେରାଲ୍ସ ଆଣ୍ଡ୍ ମାଟେରିଆଲ୍ସ ଟେକ୍ନୋଲୋଜି(ଆଇଏମ୍‌ଏମ୍‌ଟି) ପ୍ରାଚୀରରେ ଶିଳ୍ପୀମାନେ ଭିତରକନିକା ହେନ୍ତାଳବନର ଚିତ୍ରପଟ ଅଙ୍କନ କରିଛନ୍ତି, ଯାହା ବେଶ୍ ଆକର୍ଷଣୀୟ ହୋଇଛି। ରାସ୍ତାରେ ଯାଉଥିବା ପଥଚାରୀମାନେ ଏହି ଦୃଶ୍ୟକୁ ଉପଭୋଗ କରିବା ସହ ବେଶ୍ ପ୍ରଶଂସା କରିଛନ୍ତି।



# ଯୁବତୀଙ୍କୁ ଗଣବଳାତ୍କାର ସନ୍ଦେହ

**କଟକ ଅଫିସ, ୩୧।୧୦**

**ମୁମୂର୍ଷୁ ଅବସ୍ଥାରେ ଘରୋଇ ହସ୍ପିଟାଲରେ ଚିକିତ୍ସା ଚାଲିଛି**

**ଏସ୍‌ସିବି ମେଡିକାଲରେ ୨ ଘଣ୍ଟା ପଡ଼ି ରହିଥିଲେ**

କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣେ ଯୁବତୀଙ୍କୁ ନେଇ ବିବାଦୀୟ ପରିସ୍ଥିତି ଉପୁଜିଛି। ଯୁବତୀ ଜଣକ ସଙ୍କଟାପନ୍ନ ଅବସ୍ଥାରେ ହସ୍ପିଟାଲ ବେଡ୍‌ରେ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି। ତାଙ୍କ ଯୌନାଙ୍ଗରେ ଗଭୀର କ୍ଷତ ରହିଥିବାବେଳେ ବାମ ଗୋଡ଼ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଯୁବତୀଙ୍କୁ ଗଣବଳାତ୍କାର କରାଯାଇଥିବା ନେଇ ଜିଲା ଆଇନସେବା ପ୍ରାଧିକରଣଙ୍କ ପାରାଲିଗାଲ ଭଲ୍ୟୁଣ୍ଟିୟର ଶର୍ମିଷ୍ଠାରାଣୀ ନନ୍ଦଙ୍କ ନିକଟରେ ଖବର ପହଞ୍ଚିଲା। ବୁଧବାର ଯୁବତୀ ଜଣକ ଚିକିତ୍ସିତ ହେଉଥିବା ଉକ୍ତ ଘରୋଇ ହସ୍ପିଟାଲକୁ ସେ ଯାଇଥିଲେ। ସେଠାରେ ଯୁବତୀଙ୍କ ସହିତ ନନ୍ଦ ଆଲୋଚନା କରିବା ପରେ ଏହି ଘଟଣା ଏବେ ପଦାକୁ ଆସିଛି।

ଯୁବତୀଙ୍କ ଘର ସହରର ଚାନ୍ଦିନୀଚୌକ ଅଞ୍ଚଳରେ। ଯୁବତୀ ଜଣକ ଏକ ଡେଣ୍ଟାଲ କ୍ଲିନିକରେ କାମ କରନ୍ତି। ତାଙ୍କ କହିବାନୁସାରେ, ଗଣେଶ ପୂଜା ପୂର୍ବଦିନ ସନ୍ଧ୍ୟାରେ ସେ କ୍ଲିନିକ କାମ ସାରି ଘରକୁ ଫେରୁଥିବାବେଳେ ତାଙ୍କର ଜଣେ ପୁରୁଷ ବନ୍ଧୁ ତାଙ୍କୁ ଘରେ ଛାଡ଼ିଦେବାକୁ କହି ନିଜ ଗାଡ଼ିରେ ବସାଇଥିଲେ। ଚାନ୍ଦିନୀଚୌକ ନେବା ପରିବର୍ତ୍ତେ କାଠଯୋଡ଼ି ରିଂବନ୍ଧରେ ନରାଜ ଆଡକୁ ଯାଉଥିବା ଜାଣି ଯୁବତୀ ଜଣକ ପଚାରିବାରୁ ପୁରୁଷ ବନ୍ଧୁ ଜଣକ ଥଣ୍ଡା ପିଇବାକୁ ଯାଉଥିବା କହିଥିଲେ। ଏହା ପରେ ଏକ ଦୋକାନ ନିକଟରେ ତାଙ୍କୁ ଥଣ୍ଡା ପିଇବାକୁ ଦେଇଥିଲେ। ତା'ପରେ କ'ଣ ହେଲା ସେ କିଛି ଜାଣି ନ ଥିଲେ। ତେବେ ପରେ ସେ ଏକ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜାଣିବାକୁ ପାଇଲେ। ଫେଜ୍-୨ ଥାନା ପୋଲିସ ତାଙ୍କ ପାଖକୁ ଆସି ବୟାନ ରେକର୍ଡ କରିବା ସହ କହିଥିଲେ, ତୁମ ଉପରେ ବୋଲେରୋ ଚଢ଼ିଯାଇଥିବାରୁ ଗୋଡ଼ ଭାଙ୍ଗି ଯାଇଛି। ରାସ୍ତାରେ ପଡିଥିବାବେଳେ ଏକ ଷଣ୍ଢ ଶିଙ୍ଗରେ ଭୁଷି କ୍ଷତାକ୍ତ କରିଛି।

ତେବେ ଏ ସମ୍ପର୍କରେ ଫେଜ-୨ ଥାନା ଅଧିକାରୀ ରବିନାରାୟଣ ଭଞ୍ଜଙ୍କୁ ପଚାରିବାରୁ, ଘଟଣାଦିନ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ନିକଟରେ ସେ ଯାଉଥିବା ଗାଡ଼ି ଧକ୍କା ହୋଇଥିଲା। ରକ୍ତାକ୍ତ ଅବସ୍ଥାରେ ଉଭୟଙ୍କୁ ଚିକିତ୍ସା ପାଇଁ ଏସ୍‌ସିବି ପଠାଯାଇଥିଲା ବୋଲି ସେ କହିଛନ୍ତି। କିନ୍ତୁ ପାରାଲିଗାଲ ଭଲ୍ୟୁଣ୍ଟିୟର ନନ୍ଦ ଏହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ସେ କହିଛନ୍ତି ଯୁବତୀଙ୍କ ଶରୀରରେ ଥିବା କ୍ଷତଚିହ୍ନର ଲକ୍ଷଣ ଗାଡ଼ି ଧକ୍କାଜନିତ ନୁହେଁ। ନିଶ୍ଚିତ ଅନ୍ୟକିଛି ସନ୍ଦେହ କରାଯାଉଛି। ତଦନ୍ତ ହେଲେ ଘଟଣାର ସତ୍ୟାସତ୍ୟ ଜଣାପଡିବ। ଏ ସମ୍ପର୍କରେ ସେ ପୋଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଭେଟିବେ। ଅନ୍ୟପକ୍ଷରେ ଯୁବତୀଙ୍କୁ ଏସ୍‌ସିବିରେ ଚିକିତ୍ସା କରାଯାଇ ନ ଥିବା ନେଇ ଗୁରୁତର ଅଭିଯୋଗ ଆଣିଛନ୍ତି। ଉଦ୍ଧାର ପରେ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ୨ ଘଣ୍ଟା ପଡ଼ି ରହିବା ପରେ ଯୁବତୀଙ୍କ ଚିକିତ୍ସା କରାଯାଇ ନ ଥିଲା। ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରୁ ତାଙ୍କୁ କଟକ ଅଣାଯାଇ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅବସ୍ଥା ଗୁରୁତର ରହିଥିବା ନନ୍ଦ ସୂଚନା ଦେଇଛନ୍ତି। ଡିସିପି ଅଖିଳେଶ୍ୱର ସିଂ କୁହନ୍ତି, ଯୁବତୀ ଜଣକ ଇତିମଧ୍ୟରେ ୪ ଥର ବୟାନ ବଦଳାଇ ସାରିଲେଣି। ତେଣୁ ମୋ ଜାଣିବାରେ ଏହା ଏକ ଦୁର୍ଘଟଣା ବୋଲି ମନେ ହେଉଥିବା ସିଂ କହିଛନ୍ତି।

# ଫାର୍ମ ହାଉସ୍‌ରେ ଅନୈତିକ କାର୍ଯ୍ୟ

**ଚୌଦ୍ୱାର, ୩୧।୧୦(ଡି.ଏନ୍.ଏ.)**

**ମହିଳା ଉଦ୍ଧାର: ୩ ଗିରଫ**

ଚୌଦ୍ୱାର ପୌରପାଳିକା ଅଧୀନ ମଣ୍ଡାପଡ଼ା ଗ୍ରାମ ନିକଟ ଏକ ଫାର୍ମ ହାଉସ୍ ଭିତରେ ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ୩ଜଣ ଯୁବକଙ୍କୁ ପୋଲିସ ଗିରଫ କରିବା ସହିତ ଜଣେ ମହିଳାଙ୍କୁ ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତ ହେଲେ ଚୌଦ୍ୱାର କପାଳେଶ୍ୱର ନୂଆସାହିର ଭରତ ନେପାଳ (୨୭), ଟାଙ୍ଗୀ ଥାନା ବନିକା ଗ୍ରାମର ଶିବ ପ୍ରସାଦ ସ୍ୱାଇଁ (୨୯) ଓ ଫାର୍ମ ହାଉସ୍‌ର କେୟାର ଟେକର କୁଜିବର ଗ୍ରାମର ହରେକୃଷ୍ଣ ରାଉତ। ସେମାନଙ୍କ ନିକଟରୁ ୩ଟି ବାଇକ୍, ୩ଟି ମୋବାଇଲ ଓ କିଛି ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି। ଫାର୍ମ ହାଉସ୍‌ର ମାଲିକ କଟକ ଉପର ତେଲେଙ୍ଗା ବଜାରର ଶ୍ୟାମ ସୁନ୍ଦର ଶର୍ମା ମଙ୍ଗଳବାର ବିଳମ୍ବିତ ରାତିରେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ଉକ୍ତ ଫାର୍ମ ହାଉସ୍‌ରେ କେତେଜଣ ଯୁବକ ଓ ଜଣେ ମହିଳା ପଶିଥିବା ଏହାର ମ୍ୟାନେଜର ଦେବବ୍ରତ ସାହୁଙ୍କଠାରୁ ଖବରପାଇ ଶର୍ମା ପହଞ୍ଚିଥିଲେ। ଫାର୍ମ ହାଉସ୍ ଭିତରେ ଜଣେ ମହିଳା ଓ ୩ ଜଣ ଅଭିଯୁକ୍ତ ଅସଂଯତ ଅବସ୍ଥାରେ ରହିଥିବାବେଳେ ବହୁ ପରିମାଣର ଆପତ୍ତିଜନକ ସାମଗ୍ରୀ ପଡିଥିବା ଘରର ଝରକା ବାଟେ ସେ ଦେଖିବାକୁ ପାଇଥିଲେ। ପରେ ସ୍ଥାନୀୟ ଅଞ୍ଚଳର କିଛି ଯୁବକଙ୍କ ସହାୟତାରେ ସେ ଫାର୍ମ ହାଉସ୍‌ର କବାଟ ବାଡ଼େଇବାରୁ ଅଭିଯୁକ୍ତମାନେ କବାଟ ଖୋଲିଥିଲେ। ପରେ ଶର୍ମା ଓ ଯୁବକମାନେ ଘର ଭିତରେ ଥିବା ୩ଜଣ ଅଭିଯୁକ୍ତଙ୍କ ସହିତ ସମ୍ପୃକ୍ତା ମହିଳାଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ଏହି ଅନୈତିକ କାର୍ଯ୍ୟର ମୁଖ୍ୟ ସୂତ୍ରଧର କୁହାଯାଉଥିବା ଜଗତ୍‌ପୁରର ବାବୁ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ବାବୁ ଫାର୍ମ ହାଉସ୍ କେୟାର ଟେକର ହରେକୃଷ୍ଣଙ୍କ ସହିତ ମିଶି ଏହି କାରବାର ଚଳାଉଥିଲା ବୋଲି ଅଭିଯୁକ୍ତମାନେ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୩୭୨/୧୮) ରୁଜୁକରି ତଦନ୍ତ ଚଳାଇବା ସହ ସମ୍ପୃକ୍ତା ମହିଳାଙ୍କୁ କଟକ ବସୁନ୍ଧରାକୁ ପଠାଇଥିବା ଆଇଆଇସି ଯତୀନ୍ଦ୍ରନାଥ ସେଠୀ କହିଛନ୍ତି।



ଦୁର୍ଗତମାନଙ୍କ ପ୍ରତି ସହାନୁଭୂତି ସମ୍ପନ୍ନ ହୋଇ ସାହାଯ୍ୟ ପ୍ରାର୍ଥନା କଲେ ସାହାଯ୍ୟ ମିଳିବ ହିଁ ମିଳିବ।

- ସ୍ୱାମୀ ବିବେକାନନ୍ଦ



**ସଂକ୍ଷେପରେ**

## ସୂଚନା ଓ ଲୋକସମ୍ପର୍କ ବିଭାଗର ଶପଥ ପାଠ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ): ଦେଶର ଏକତା ଓ ଅଖଣ୍ଡତା ରକ୍ଷା କରିବା ନିମନ୍ତେ ଜୀବନ ଉତ୍ସର୍ଗ କରିଥିବା ରାଷ୍ଟ୍ରନାୟକ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମତିଥିକୁ ଭାରତ ସରକାରଙ୍କ ଦ୍ୱାରା ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ବୁଧବାର ପୂର୍ବାହ୍ନରେ ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶାଳୟରେ ରାଷ୍ଟ୍ରୀୟ ଏକତା ଦିବସ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଦେଶର ଏକତା, ସଂହତି ଓ ସୁରକ୍ଷାକୁ ବଜାୟ ରଖିବା ନିମନ୍ତେ ନିଜକୁ ସମର୍ପିତ କରିବା, ଦେଶବାସୀଙ୍କ ମଧ୍ୟରେ ଏହି ବାର୍ତ୍ତାର ପ୍ରଚାର ଓ ପ୍ରସାର ଦିଗରେ ଦୃଢ଼ ପ୍ରୟାସ ଜାରି ରଖିବା ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦୂରଦୃଷ୍ଟି ଓ କାର୍ଯ୍ୟଧାରାକୁ ପ୍ରତିଷ୍ଠିତ କରିବାରେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ଅଧିକାରୀ ଓ କର୍ମଚାରୀମାନେ ଶପଥ ନେଇଥିଲେ। କ୍ଷେତ୍ର ପ୍ରଚାର ଉପନିର୍ଦ୍ଦେଶକ ବିପିନ ବିହାରୀ ବାରିକ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ଏହି ଶପଥ ପାଠ କାର୍ଯ୍ୟକ୍ରମରେ ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ନିରଞ୍ଜନ ସେଠୀ, ଯୁଗ୍ମ ସଚିବ ମନୋଜ କୁମାର ମହାନ୍ତି, ଉପଶାସନ ସଚିବ ଦୁର୍ଗାପ୍ରସାଦ ମହାରଣା, ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସନ୍ତୋଷ କୁମାର ଦାସ, ଗବେଷଣା ଓ ତଥ୍ୟ ସୂଚନା ଅଧିକାରୀ ଡ. ଜ୍ୟୋତିର୍ମୟି ସାମନ୍ତରାୟ, ସୂଚନା ଅଧିକାରୀ ସୂର୍ଯ୍ୟ ମିଶ୍ର, ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ରାଜପଥରେ ଦମ୍ପତିଙ୍କଠାରୁ ଲୁଟ୍

ପାତ୍ରପଡା, ୩୧।୧୦(ଡି.ଏନ.ଏ.): ୧୬ ନମ୍ବର ଜାତୀୟ ରାଜପଥର କଳିଙ୍ଗ ବିହାର ଛକ ନିକଟରେ ବୁଧବାର ରାତିରେ ଏକ ଦମ୍ପତିଙ୍କଠାରୁ ସୁନା ଅଳଙ୍କାର ଲୁଟି ହୋଇଛି। ଏ ନେଇ ତମାଣ୍ଡୋ ଥାନାରେ ଅଭିଯୋଗ ହୋଇଛି। ଘଟଣାସ୍ଥଳରୁ ଜଣେ ଦୁର୍ବୃତ୍ତଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି। ସୂଚନା ମୁତାବକ, ଜଟଣୀ ଥାନା ଅରିଶଲ ଗ୍ରାମର ହେମନ୍ତ ସାହୁ ସ୍ତ୍ରୀ ଏବଂ ପୁଅକୁ ଧରି ଭୁବନେଶ୍ୱର ପଟିଆ ଅଞ୍ଚଳକୁ ଏକ ନିର୍ବନ୍ଧ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିଲେ। ବୁଧବାର ରାତି ପ୍ରାୟ ୭ଟାରେ ସ୍ତ୍ରୀ ଓ ପୁଅଙ୍କୁ ସ୍କୁଟିରେ ବସାଇ ଜାତୀୟ ରାଜପଥ ଦେଇ ନିଜ ଗାଁକୁ ଫେରୁଥିଲେ। କଳିଙ୍ଗ ବିହାର ଛକ ନିକଟରେ ୨ଜଣ ଦୁର୍ବୃତ୍ତ ଏକ ନମ୍ବର ବିହୀନ ଆପାଚି ବାଇକରେ ସେମାନଙ୍କୁ ପିଛା କରି ନିର୍ମାଣାଧୀନ ଏକ ମଲ ନିକଟରୁ ହେମନ୍ତଙ୍କ ସ୍ତ୍ରୀଙ୍କ ବେକରୁ ୨ ଭରି ଓଜନର ସୁନା ହାର ଏବଂ ଗୋଟିଏ କାନ ଫୁଲ ଲୁଟି ନେଇଥିଲେ। ହେମନ୍ତ ପାଟି କରିବାରୁ ପଛରେ ବସିଥିବା ଜଣେ ଲୁଟେରା ବାଇକ୍‌ରୁ ଖସିପଡ଼ିଥିଲେ। ଫଳରେ ଲୋକେ ତାଙ୍କୁ କାବୁ କରିବାରେ ସମର୍ଥ ହୋଇଥିଲେ।

## ଟ୍ରେନ୍ ଲାଇନରେ କଟି ବୃଦ୍ଧ ମୃତ

ପୁରୁଣା ଭୁବନେଶ୍ୱର, ୩୧।୧୦(ଡି.ଏନ.ଏ.): ଲିଙ୍ଗରାଜ ପ୍ୟାସେଞ୍ଜର ହଲ୍ଟ ନିକଟରେ ବୁଧବାର ଟ୍ରେନ୍‌ରେ କଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏୟାରଫିଲ୍ଡ ଥାନା ପଳାଶପଲ୍ଲୀ ଭୋଇସାହିର ମେରୁ ସାହୁ(୮୦)। ମେରୁ ଟ୍ରେନ ଲାଇନ ଅତିକ୍ରମ କରୁଥିବା ବେଳେ ଦ୍ରୁତଗତିରେ ଆସୁଥିବା ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ପୋଲିସ ମୃତଦେହ ଜବତ କରି ମାମଲା ରୁଜୁ କରିଛି।

# ପଲିଥିନ ବ୍ୟବହାରକାରୀଙ୍କୁ ଜେଲଦଣ୍ଡ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)



■ ରୁଜୁ ହେବ ଆପରାଧିକ ମାମଲା
■ ୨ଶହରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ ହେବ
■ ଟ୍ରେଡ୍ ଲାଇସେନ୍ସ ରଦ୍ଦ କରାଯିବ

ଏଣିକି ପଲିଥିନ ଏବଂ ପ୍ଲାଷ୍ଟିକ ବ୍ୟବହାର କଲେ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ। ବ୍ୟବହାରକାରୀଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରିବ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)। କଟକଣା ନ ମାନିଲେ ୨ଶହ ଟଙ୍କାରୁ ଆରମ୍ଭ କରି ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ମଧ୍ୟ ଆଦାୟ କରାଯିବ। ବ୍ୟବସାୟୀମାନଙ୍କ ଟ୍ରେଡ୍ ଲାଇସେନ୍ସ ବି ରଦ୍ଦ ହେବ। ପଲିଥିନ ଏବଂ ପ୍ଲାଷ୍ଟିକ ବ୍ୟବହାରକାରୀଙ୍କୁ ସାବାଡ଼ କରିବା ଲାଗି ବୁଧବାର ବିଏମ୍‌ସିର କର୍ପୋରେଶନ ବୈଠକରେ ଏଭଳି ନିଷ୍ପତ୍ତି ଗ୍ରହଣ ହୋଇଛି। ଗୁରୁବାରଠାରୁ ସହରରେ ଏହାକୁ କଡ଼ାକଡ଼ି ଭାବେ ଲାଗୁ କରାଯିବ।

ଅକ୍ଟୋବର ୨ରୁ ରାଜ୍ୟ ସରକାର ପଲିଥିନ ଏବଂ ପ୍ଲାଷ୍ଟିକ୍ ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। ଭୁବନେଶ୍ୱର, ବ୍ରହ୍ମପୁର, କଟକ, ସମ୍ବଲପୁର ଏବଂ ରାଉରକେଲା ମହାନଗର ନିଗମ ସହିତ ପୁରୀ ପୌରପାଳିକାରେ ପ୍ରାଥମିକ ଭାବେ ପଲିଥିନ ଏବଂ ପ୍ଲାଷ୍ଟିକ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। କିନ୍ତୁ କେହି ଏହାକୁ ମାନୁ ନାହାନ୍ତି। ଆଗକୁ ହକି ବିଶ୍ୱକପ୍ ଅନୁଷ୍ଠିତ ହେବାକୁ ଥିବାବେଳେ ପଲିଥିନ୍ ଏବଂ ପ୍ଲାଷ୍ଟିକ୍ ଏଣେତେଣେ ପଡି ସହରର ସୌନ୍ଦର୍ଯ୍ୟ ନଷ୍ଟ କରିବ। ଏହାକୁ ଲକ୍ଷ୍ୟ କରି ବିଏମ୍‌ସି ପଲିଥିନ ଏବଂ ପ୍ଲାଷ୍ଟିକ ନିଷେଧ ଉପରେ ଲାଗିଥିବା କଟକଣାକୁ କଡ଼ାକଡ଼ି କରିବା ଉଦ୍ଦେଶ୍ୟରେ ବ୍ୟବହାରକାରୀଙ୍କ ବିରୋଧରେ ଜରିମାନା ସହିତ ଆପରାଧିକ ମାମଲା ରୁଜୁ କରିବାକୁ ନିଷ୍ପତ୍ତି ନିଆଯାଇଛି। କୌଣସି ପରିବାର ପଲିଥିନ ଏବଂ ପ୍ଲାଷ୍ଟିକ ବ୍ୟବହାର କଲେ ପ୍ରଥମେ ୨ଶହ ଟଙ୍କା ଜରିମାନା ଦେବେ। ଏହାସତ୍ତ୍ୱେ ପୁନର୍ବାର ବ୍ୟବହାର କଲେ ୫ଶହ ଏବଂ ପରବର୍ତ୍ତୀ ସମୟରେ ପୁଣି ବ୍ୟବହାର କଲେ ୧ ହଜାର ଟଙ୍କା ଜରିମାନା ଆଦାୟ କରାଯିବ। ପରିବାର ମୁଖ୍ୟଙ୍କ ନାଁରେ ଆପରାଧିକ ମାମଲା ରୁଜୁ କରାଯିବ। ସେହିପରି ମିଠା, ସ୍ନାକ୍ସ, ଫାଷ୍ଟଫୁଡ, ଆଇସ୍‌କ୍ରିମ୍, ଜୁସ୍, ପରିବା, ମାଛ ଏବଂ ମାଂସ ଦୋକାନୀଙ୍କ ସହିତ ଅନ୍ୟାନ୍ୟ ଛୋଟ ବ୍ୟବସାୟୀ ପଲିଥିନ୍ ଏବଂ ପ୍ଲାଷ୍ଟିକ୍ ବ୍ୟବହାର କଲେ ୫ଶହ ଟଙ୍କା ଜରିମାନା ଆଦାୟ କରାଯିବ। ପରବର୍ତ୍ତୀ ସମୟରେ ଯଦି ସେମାନେ ପୁଣି ବ୍ୟବହାର କରନ୍ତି, ତେବେ ୧ ହଜାର ଏବଂ ପରେ ୨ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ ସହିତ ମାମଲା ରୁଜୁ କରାଯିବ। ସମ୍ପୃକ୍ତ ବ୍ୟବସାୟୀଙ୍କ ଲାଇସେନ୍ସ ରଦ୍ଦ କରାଯିବ ବୋଲି ବିଏମ୍‌ସି ମେୟର ଅନନ୍ତ ନାରାୟଣ ଜେନା କହିଛନ୍ତି।

ମେୟର ଆହୁରି କହିଛନ୍ତି, ରେଷ୍ଟୁରାଣ୍ଟ ପଲିଥିନ୍ ଏବଂ ପ୍ଲାଷ୍ଟିକ୍ ବ୍ୟବହାର କଲେ ପ୍ରଥମେ ୧ହଜାର ଟଙ୍କା ଏବଂ ପରବର୍ତ୍ତୀ ସମୟରେ ନ ମାନିଲେ ୨ ହଜାର ଏବଂ ୩ୟ ଥର ବ୍ୟବହାର କଲେ ୫ ହଜାର ଟଙ୍କା ଜରିମାନା ଆଦାୟ ହେବ। ତା' ସହିତ ଟ୍ରେଡ ଲାଇସେନ୍ସ ରଦ୍ଦ କରାଯିବ। ସେହିପରି ବଡ଼ ହୋଟେଲ ଏବଂ ଷ୍ଟାର ହୋଟେଲ ପଲିଥିନ୍ ଏବଂ ପ୍ଲାଷ୍ଟିକ୍ ବ୍ୟବହାର କଲେ ପ୍ରଥମ ୨ ହଜାର ଟଙ୍କା ଜରିମାନା ଆଦାୟ କରାଯିବ। ଯଦି ସମ୍ପୃକ୍ତ ସଂସ୍ଥା ନ ମାନି ପୁଣି ବ୍ୟବହାର କରନ୍ତି ତେବେ ଦ୍ୱିତୀୟ ଥର ୧୦ ହଜାର ଏବଂ ତୃତୀୟ ଥର ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯିବା ସହିତ ମାମଲା ରୁଜୁ କରି ଲାଇସେନ୍ସ ରଦ୍ଦ କରାଯିବ।

ଅନ୍ୟପଟେ ହକି ବିଶ୍ୱକପକୁ ଦୃଷ୍ଟିରେ ରଖି ବିଏମ୍‌ସି ତା'ର ଜନ ସମ୍ପର୍କ ଦିବସକୁ ସ୍ଥଗିତ ରଖିଛି। ଏହି ସମୟରେ କୌଣସି ବ୍ୟକ୍ତିଙ୍କ କିଛି ଅଭିଯୋଗ ଥିଲେ ଭୁବନେଶ୍ୱର ଅପରେଶନ ସେଣ୍ଟର ହେଲପ୍ ଲାଇନ୍ ନମ୍ବର ୧୮୦୦-୩୪୫-୦୦୬୧ ଏବଂ ହ୍ୱାଟ୍ସଆପ୍ ନମ୍ବର ୮୫୯୯୦୭୧୯୦୦ରେ ଅଭିଯୋଗ ପଠାଇବାକୁ କୁହାଯାଇଛି। ଏହାବ୍ୟତୀତ ସ୍ୱେରେଜ, ରାସ୍ତା, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଆଲୋଚନା ହୋଇଥିଲା। ବିଏମସି ସମ୍ମିଳନୀ କକ୍ଷରେ ମେୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପର୍ଯ୍ୟଟନ ଏବଂ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଡେପୁଟି ମେୟର କେ. ଶାନ୍ତି, ଅତିରିକ୍ତ କମିଶନର ଶୁଭମ୍ ସକ୍‌ସେନାଙ୍କ ସହିତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ୩ ସ୍କ୍ୱାଡ୍ ଗଠନ କଲା ବିଏମ୍‌ସି

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ରାଜ୍ୟ ସରକାର ପଲିଥିନ ଏବଂ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। କିନ୍ତୁ ତାହାକୁ କେହି ମାନୁ ନାହାନ୍ତି। ବିଶେଷ କରି ଦୋକାନୀମାନେ ଖୋଲାଖୋଲି ଭାବେ ପଲିଥିନ ଏବଂ ପ୍ଲାଷ୍ଟିକରେ ଖାଦ୍ୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ଜିନିଷ ବିକ୍ରୟ କରୁଛନ୍ତି। ତେବେ ରାଜଧାନୀ ଭୁବନେଶ୍ୱରରେ ପଲିଥିନ ଏବଂ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ଲାଗି ବିଏମ୍‌ସି ବୁଧବାର ୩ ସ୍କ୍ୱାଡ୍ ଗଠନ କରିଛି। ଏହି ସ୍କ୍ୱାଡ୍‌ଗୁଡିକ ମାର୍କେଟକୁ ଯାଇ ଦୋକାନ, ହୋଲ୍‌ସେଲର, ହୋଟେଲ, ରେଷ୍ଟୁରାଣ୍ଟ, ଖୁଚୁରା ବେପାରୀ ଏବଂ ଠେଲାଗାଡ଼ିରେ ବୁଲି ପଲିଥିନ ଏବଂ ପ୍ଲାଷ୍ଟିକରେ ଜିନିଷ ବିକ୍ରୟ କରୁଥିବା ଦୋକାନ ଉପରେ ଚଢାଉ କରିବ। ବଜାରରେ ପଲିଥିନରେ ଦୋକାନୀମାନେ ଜିନିଷ ବିକ୍ରୟ କରୁଥିବା ଦେଖିବାକୁ ମିଳୁଛି। ଏଥିରେ ପ୍ରତିବନ୍ଧକ ଲଗାଇବା ପାଇଁ ଜଙ୍ଗଲ ଏବଂ ପରିବେଶ ବିଭାଗ ପକ୍ଷରୁ ଗତ ସେପ୍ଟେମ୍ବର ୨୯ରେ ପ୍ରକାଶିତ ପ୍ରକାଶିତ ବିଜ୍ଞପ୍ତିକୁ ଆଧାର କରି ବିଏମ୍‌ସି ସ୍କ୍ୱାଡ୍ ଗଠନ କରିଛି। ସ୍କ୍ୱାଡ୍‌ରେ ଏନ୍‌ଫୋର୍ସମେଣ୍ଟ ଇନ୍ସପେକ୍ଟର ପ୍ରଫୁଲ୍ଲ ବେହେରା ଏବଂ ପ୍ରମୋଦ ଜେନାଙ୍କ ସହିତ ପାର୍କିଂ ସ୍କ୍ୱାଡ୍ ଭାରପ୍ରାପ୍ତ ଅଧିକାରୀ ପ୍ରମୋଦ ନାୟକଙ୍କ ନେତୃତ୍ୱରେ ୩ଟି ସ୍କ୍ୱାଡ୍ ଗଠନ କରାଯାଇଛି। ଅଧିକାରୀମାନେ ବିଏମ୍‌ସିର ୩ଟି ଜୋନ ସହିତ ମୁଖ୍ୟ କାର୍ଯ୍ୟାଳୟ ଅଧୀନରେ ଥିବା ଅଞ୍ଚଳଗୁଡିକ ବୁଲିବେ। ବୁଧବାର ସ୍କ୍ୱାଡ୍ ଉତ୍ତରାଞ୍ଚଳ ଜୋନର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପଲିଥିନ ଏବଂ ପ୍ଲାଷ୍ଟିକ୍ ଚା ଗ୍ଲାସ ସହିତ ପ୍ଲାଷ୍ଟିକ ଖଲି ଜବତ କରିଛି।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ବାଲିପାଟଣା,୩୧।୧୦(ଡି.ଏନ୍.ଏ.)

ବାଲିପାଟଣାସ୍ଥିତ ବୁଦ୍ଧନାଥ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଅଶୋକ କୁମାର ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମଣ୍ଡଳ ଶିକ୍ଷା ଅଧିକାରୀ ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷା ସୁମିତ୍ରା ରାଉତରାୟ, ବିଡିଓ ରଶ୍ମିରେଖା ଦାସ, ଜିଲା ପରିଷଦ ସଭ୍ୟ ଶଶିଭୂଷଣ ପାତ୍ର, ଗାରେଡିପାଞ୍ଚଣ ସରପଞ୍ଚ ସୌମ୍ୟରଞ୍ଜନ ମହାନ୍ତି, ରାଜଶ୍ରୀ ପଟ୍ଟନାୟକ, ବିଆରସିସି ନଳିନୀକାନ୍ତ ମହାନ୍ତି, ସହକାରୀ ଶିକ୍ଷା ଅଧିକାରୀ ପ୍ରତାପ କୁମାର ପ୍ରଧାନ ଓ ଅଜୟ କୁମାର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ମୋ ସ୍କୁଲ ଯୋଜନାରେ ଲକ୍ଷାଧିକ ଟଙ୍କା ଦାନ କରିଥିବା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଓ ବରିଷ୍ଠ ଆଇନଜୀବୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନାଚ, ଗୀତ, ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା।



ଇନ୍ଦିରା ଗାନ୍ଧୀ ପାର୍କଠାରେ ଥିବା ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଅନ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

## ଇନ୍ଦିରା ଗାନ୍ଧୀଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହୁଅ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି ପକ୍ଷରୁ ବୁଧବାର ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ୩୪ତମ ଶ୍ରାଦ୍ଧ ଦିବସ ଅବସରରେ ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ସଂକଳ୍ପ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମିତିର ସାଧାରଣ ସମ୍ପାଦକ ତଥା ପ୍ରଦେଶ କଂଗ୍ରେସ କମିଟି କୃଷକ ସେଲ ରାଜ୍ୟ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ଇନ୍ଦିରା ଗାନ୍ଧୀ ପାର୍କରେ ଏହା ଅନୁଷ୍ଠିତ ହୋଇଥିଲା। ସମାରୋହରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ସ୍ମୃତି ସମିତିର ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ମହିଳା କଂଗ୍ରେସ ସଭାନେତ୍ରୀ ସୁମିତ୍ରା ଜେନା, ପୂର୍ବତନ ମନ୍ତ୍ରୀ ରବୀନ୍ଦ୍ର କୁମାର ସେଠୀ, ସମୀର କୁମାର ରାଉତରାୟ ପ୍ରମୁଖ ବହୁ ନେତୃ ମଣ୍ଡଳୀ ଯୋଗଦେଇଥିଲେ। ମୁଖ୍ୟଅତିଥି ନିରଞ୍ଜନ ପଟ୍ଟନାୟକ ସମବେତ ଜନତାଙ୍କୁ ରାଷ୍ଟ୍ରୀୟ ସଂକଳ୍ପ ଶପଥପାଠ କରାଇ ଇନ୍ଦିରାଜୀଙ୍କ ତ୍ୟାଗପୂତ ଜୀବନାଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। କ୍ୟାପିଟାଲ ହସ୍ପିଟାଲରେ ରୋଗୀମାନଙ୍କୁ ଫଳବଣ୍ଟନ କରାଯାଇଥିଲା। ପରିଶେଷରେ ଶିବାନନ୍ଦ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଶାହରୁଖଙ୍କୁ ବିରୋଧ କରିବ କଳିଙ୍ଗ ସେନା

**ହକି ବିଶ୍ୱକପ୍**

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ହିନ୍ଦୀ ଚଳଚ୍ଚିତ୍ର 'ଅଶୋକ' ଜରିଆରେ ଓଡ଼ିଶାର ଇତିହାସକୁ ବିକୃତ କରାଯାଇଥିବା ପ୍ରତିବାଦରେ ହକି ବିଶ୍ୱକପ୍‌ର ଉଦଘାଟନୀ ଉତ୍ସବରେ ବଲିଉଡ୍ ଅଭିନେତା ଶାହରୁଖ ଖାନଙ୍କ ଉପସ୍ଥିତିକୁ ବିରୋଧ କରିବ କଳିଙ୍ଗ ସେନା। ବୁଧବାର ଏକ ଖବରଦାତା ସମ୍ମିଳନୀରେ କଳିଙ୍ଗ ସେନାର ମୁଖ୍ୟ ହେମନ୍ତ ରଥ ଏହି ସୂଚନା ଦେଇଛନ୍ତି। 'ଅଶୋକ' ଚଳଚ୍ଚିତ୍ର କଳିଙ୍ଗ ଯୁଦ୍ଧର ବିଷୟବସ୍ତୁ ଉପରେ ପ୍ରସ୍ତୁତ ହୋଇଥିଲା। କାହାଣୀରେ କାରୁବାକୀଙ୍କ କୌଣସି ଭୂମିକା ରହି ନ ଥିବାବେଳେ ତାଙ୍କୁ ଚଳଚ୍ଚିତ୍ରରେ ଦୁଷ୍ଟଚରିତ୍ର ଆଖ୍ୟା ଦିଆଯାଇଥିଲା, ଯାହା ଓଡିଆ ନାରୀ ଜାତିର ସମ୍ମାନ ଓ ଚରିତ୍ରକୁ ବିଶ୍ୱ ଦରବାରରେ ନିନ୍ଦିତ କରିଥିଲା। ମାତ୍ର ଫିଲ୍ମର ମୁଖ୍ୟ ଚରିତ୍ର ଶାହରୁଖ ଓ କରିନା କପୁର କିମ୍ବା ପ୍ରଯୋଜକ କେହି କ୍ଷମା ପ୍ରାର୍ଥନା କରି ନ ଥିଲେ। ତେଣୁ ଶାହରୁଖଙ୍କୁ ସଂଘ ପକ୍ଷରୁ କଡା ବିରୋଧ କରାଯିବ ବୋଲି ରଥ ଚେତାବନୀ ଦେଇଛନ୍ତି।

## ଆସ୍ଥା ସ୍କୁଲର 'ପ୍ରକଳ୍ପ-୨୦୧୮'



ପ୍ରତିଯୋଗିତାର ବିଜେତା ସିଦ୍ଧାର୍ଥ ଶିଳାଦିତ୍ୟ ଦାଶଙ୍କୁ ପୁରସ୍କୃତ କରାଯାଉଛି।

ବାଲିଅନ୍ତା,୩୧।୧୦(ଡି.ଏନ୍.ଏ.)

ବାଲିଅନ୍ତାସ୍ଥିତ ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ କ୍ୟାମ୍ପସ୍‌ରେ ବୁଧବାର 'ରାଜ୍ୟସ୍ତରୀୟ ସମର ଇଣ୍ଟର୍ନଶିପ୍ କଣ୍ଟେଷ୍ଟ'ର ୫ମ ସଂସ୍କରଣ 'ପ୍ରକଳ୍ପ-୨୦୧୮' ଅନୁଷ୍ଠିତ ହୋଇଯାଇଛି। ଆସ୍ଥା ସ୍କୁଲ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନରୁ ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପ୍ରତିଯୋଗିତାର ଜୁରି ସଦସ୍ୟ ଭାବେ କ୍ୟାପଟେନ୍ କେ.ଏସ୍.ଭି. ସୁବ୍ରମନିୟନ(ଭେଟେରାନ୍), ପ୍ରଫେସର ସଞ୍ଜୟ ଆଦ୍‌ଲାଖା ଓ ପ୍ରଫେସର ଡ. ଶର୍ମିଳା ସୁବ୍ରମନିୟନ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ନାଲ୍‌କୋ ଜିଏମ୍(ଏଚ୍ ଆଣ୍ଡ ଏ) ଅମିୟ ପଟ୍ଟନାୟକ, ପ୍ରମୁଖ ଅତିଥି ଭାବେ ସାମାଜିକ କର୍ମୀ ସବିତା ପଟ୍ଟନାୟକ ଓ ବିଶିଷ୍ଟ ଶିକ୍ଷାବିତ୍ ଭାଗବତ ପ୍ରସାଦ ମହାନ୍ତି ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାର ବିଜେତା ସିଦ୍ଧାର୍ଥ ଶିଳାଦିତ୍ୟ ଦାଶ ଓ ଉପବିଜେତା ଦେବାଶିଷ ସ୍ୱାଇଁଙ୍କୁ ଯଥାକ୍ରମେ ୧୦ ଏବଂ ୫ ହଜାର ଟଙ୍କା ସହ ଟ୍ରଫି, ମାନପତ୍ର ପ୍ରଦାନ କରାଯାଇଥିଲା। ଶ୍ରୀପଞ୍ଚମୁଖୀ ଏଜୁକେଶନାଲ୍ ଓ ଚାରିଟେବୁଲ ଟ୍ରଷ୍ଟର ସମ୍ପାଦକ ଇଂ. ବଙ୍କିମ ମହାନ୍ତି, ସଭାପତି ବିଜୟ କୁମାର ପାତ୍ର, ଡାଇରେକ୍ଟର ତ୍ରିଲୋଚନ ନାୟକ, ଟ୍ରଷ୍ଟି କୃପାନନ୍ଦ ଚୈଧୁରୀ, ବିଷ୍ଣୁପ୍ରିୟା ବିଶ୍ୱାଳ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରତିଯୋଗିତାକୁ ଜିନାଶିଷ ମହାନ୍ତି ଓ ପ୍ରଫେସର ମନୋରଞ୍ଜନ ନାୟକ ପରିଚାଳନା କରିଥିବା ବେଳେ ପ୍ରଫେସର ବିଶ୍ୱରଞ୍ଜନ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ସ୍ନେହପ୍ରଭାଙ୍କୁ ଆଦିଗୁରୁ ପଙ୍କଜ ଚରଣ ଦାସ ସମ୍ମାନ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ଗୁରୁ ପଙ୍କଜ ଚରଣ ଓଡ୍ର ସଂସ୍କୃତି ଏକାଡେମୀ ପକ୍ଷରୁ ଭଞ୍ଜକଳା ମଣ୍ଡପଠାରେ ଆୟୋଜିତ ଦୁଇଦିନିଆ ଆଦିଗୁରୁ ପଙ୍କଜ ଚରଣ ଦାସ ସମ୍ମାନ ପ୍ରଦାନ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି। ଶିଳ୍ପୀ ସୌମ୍ୟରଞ୍ଜନ ନାୟକଙ୍କ ମର୍ଦ୍ଦଳ ବାଦନରୁ ଆରମ୍ଭ ହୋଇଥିଲା ସନ୍ଧ୍ୟା। ଏହାପରେ ଶିଳ୍ପୀ ଜ୍ୟୋତିର୍ମୟ ଦାସ ଜୟ ଭଗବତୀ ଦେବୀ ନମୋଃ ବରଦେ.... ନୃତ୍ୟାଭିନୟ ପରିବେଷଣ କରିଥିଲେ। ପରେ ଶିଳ୍ପୀ ପୁଷ୍ପା ପଣ୍ଡା ଶବରୀ ନୃତ୍ୟାଭିନୟ ପ୍ରଦର୍ଶନ କରିଥିଲେ। ଶେଷ ପ୍ରସ୍ତୁତିରେ ଥିଲା ଏକକ ଓଡ଼ିଶୀ ନୃତ୍ୟ। ଅତିଥିଭାବେ ଡ. ସଙ୍ଗୀତା ଗୋସାଇଁ, ସମୀର ଦେ ଏବଂ ଅନୁଷ୍ଠାନର ସଭାପତି ବସନ୍ତ ଦାସ ଯୋଗଦେଇଥିଲେ। ଏହି ଅବସରରେ ଡ. ସ୍ନେହପ୍ରଭା ସାମନ୍ତରାୟଙ୍କୁ ଆଦିଗୁରୁ ପଙ୍କଜ ଚରଣ ଦାସ ସମ୍ମାନ ଓ ଗୁରୁ ଦିବାକର ରାଉତଙ୍କୁ ଆଦି ଗୁରୁ ପଙ୍କଜ ଚରଣ ଦାସ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା।

## ଓଡ଼ିଶା ସିଟିଜେନ୍ ଫୋରମ୍‌ର ପ୍ରତୀକ ଧାରଣା

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ନିଶାମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟରେ ଓଡ଼ିଶା ସିଟିଜେନ୍ ଫୋରମ୍ ପକ୍ଷରୁ ବୁଧବାର ଇନ୍ଦିରା ଗାନ୍ଧୀ ପାର୍କ ପରିସରରେ ଥିବା ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପ୍ରତୀକ ଧାରଣା ଅନୁଷ୍ଠିତ ହୋଇଯାଇଛି। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୩୪ତମ ଶ୍ରାଦ୍ଧ ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ଶତାଧିକ ଛାତ୍ର, ଯୁବକ ଓ ମହିଳା ଉପସ୍ଥିତ ଥିଲେ। ସଙ୍ଗଠନ ସଭାପତି ଚିନ୍ମୟ ସୁନ୍ଦର ଦାସ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଉମାକାନ୍ତ ଦାସ, ଅସିତ୍ ଦାସ ପ୍ରମୁଖ ଅନଶନରେ ବସିଥିଲେ। ପୂର୍ବତନ ମନ୍ତ୍ରୀ ରାଉତରାୟ ନିଶା ସେବନ ଦ୍ୱାରା କିପରି ଲୋକମାନେ ମୃତ୍ୟୁମୁଖରେ ପଡ଼ିଥାଆନ୍ତି, ସେ ବିଷୟରେ ଆଲୋକପାତ କରିବା ସହିତ ନିଶା ସେବନରୁ ଦୂରେଇ ରହିବାକୁ ଆହ୍ୱାନ ଦେଇଥିଲେ। ସଙ୍ଗଠନ ସଭାପତି ଆଗାମୀ ଦିନରେ ନିଶା ନିବାରଣ କାର୍ଯ୍ୟକ୍ରମକୁ କିଭଳି ବ୍ୟାପକ କରାଯିବ, ତାହା ଉପରେ ଗୁରୁତ୍ୱାରୋପ କରିଥିଲେ।

## ଡୁନ୍ ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ଗଣଦୌଡ଼

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ଡୁନ୍ ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ବୁଧବାର ରାଷ୍ଟ୍ରୀୟ ଏକତା ଦିବସରେ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହୋଇଥିଲେ। ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମତିଥି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷା ଗୌରୀ ରକ୍ଷିତ ଏହି ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ସଞ୍ଚାଳିକା ରୁବି ଚାଟାର୍ଜୀ ଏହାର ଉପଯୋଗିତା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ଇଂଲିଶ, ହିନ୍ଦୀ ଏବଂ ଓଡ଼ିଆ ବକ୍ତୃତା ସମେତ ରଙ୍ଗୋଲି ପ୍ରତିଯୋଗିତା ହୋଇଥିଲା। ରାଷ୍ଟ୍ରୀୟ ଏକତା ଓ ସଙ୍କଳ୍ପ ଦିବସ ଉପଲକ୍ଷେ ନାଟକ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଚେୟାରମ୍ୟାନ ଶରତ ଚନ୍ଦ୍ର ରାଉତରାୟ ଓ ଭାଇସ ଚେୟାରମ୍ୟାନ ବିଶ୍ୱଜିତ ରାଉତରାୟ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ।




ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଡୁନ୍ ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ଆୟୋଜିତ ଗଣଦୌଡ଼।

# ଅସ୍ଥାୟୀ ସଫେଇ କର୍ମଚାରୀଙ୍କ ଜୀବିକା ଛଡ଼ାଇନେଲା ମେଶିନ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

**ବିଏମ୍‌ସି ଅଫିସ ଘେରାଉ କରି ପ୍ରତିବାଦ**

ହକି ବିଶ୍ୱକପ୍ ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଆପଣାଇ ଥିବା ଯାନ୍ତ୍ରିକ(ମେଶିନ) ସଫେଇ ବ୍ୟବସ୍ଥା ଯୋଗୁ ୫୦୦ରୁ ଅଧିକ ଅସ୍ଥାୟୀ ସଫେଇ କର୍ମଚାରୀ ଜୀବିକା ହରାଇଛନ୍ତି। ୫ଦିନ ହେଲା ଏହି କର୍ମଚାରୀମାନେ ଘରେ ବସିଥିବାରୁ ଟଙ୍କାଟିଏ ହେଲେ ରୋଜଗାର ନାହିଁ। ପରିବାର ପୋଷିବା ପାଇଁ ସଫେଇ କର୍ମଚାରୀମାନେ ବାଛିନେଇଥିବା ଦୈନନ୍ଦିନ କର୍ମକୁ ହରାଇ ବହୁ ଦୁଃଖ କଷ୍ଟରେ ଚଳୁଛନ୍ତି। ବିଏମ୍‌ସିର ଏହି ପଦକ୍ଷେପ ସେମାନଙ୍କୁ ଦୁର୍ଦ୍ଦଶା ଭିତରକୁ ଠେଲି ଦେଇଛି ବୋଲି ଅସ୍ଥାୟୀ ସଫେଇ କର୍ମଚାରୀ ମହାସଂଘର ସଭାପତି ସହଦେବ ନାୟକ କ୍ଷୋଭ ପ୍ରକାଶ କରି କହିଛନ୍ତି। ଅନ୍ୟପଟେ ଏହାକୁ ବିରୋଧ କରି କର୍ମଚାରୀମାନେ ବୁଧବାର ବିଏମ୍‌ସି ଅଫିସ ଘେରାଉ କରିଛନ୍ତି। ଦିନ ତମାମ କର୍ମଚାରୀମାନେ ଅଫିସ ଆଗରେ ଧାରଣା ଦେଇ ପ୍ରତିବାଦ ଜଣାଇଛନ୍ତି।

ମହାସଂଘ ସଭାପତି ନାୟକ କୁହନ୍ତି, ହକି ବିଶ୍ୱକପ୍ ପାଇଁ ବିଏମ୍‌ସି ଜାତୀୟ ରାଜପଥ ସହିତ ସହର ଭିତରେ ଥିବା କେତେକ ମୁଖ୍ୟ ରାସ୍ତାକୁ ମିଶାଇ ୮୦ କି.ମି. ରାସ୍ତାକୁ ମେଶିନ ସାହାଯ୍ୟରେ ରାତିରେ ସାଫେଇ କରୁଛି। ଉକ୍ତ ରାସ୍ତାଗୁଡିକୁ ଏହି କର୍ମଚାରୀମାନେ ସଫେଇ କରୁଥିଲେ। ମେଶିନ୍ ସଫେଇ ଆରମ୍ଭ ଦିନରୁ ଦୁଇ ସଂସ୍ଥା ଜାଗୃତି ଏବଂ ପିଏମ୍‌ଆର କର୍ମଚାରୀମାନଙ୍କୁ ଛଟେଇ କରିଛି। ସଂସ୍ଥା କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ସେ କହିଲେ ବିଏମ୍‌ସି ସଫେଇ କାମ ନେଇଯାଇଛି। ସେହି ରାସ୍ତାଗୁଡିକ ଲୋକଙ୍କ ଦ୍ୱାରା ସଫେଇ କରିବାକୁ ମନା କରିଛି। ତେଣୁ ସେହି ରାସ୍ତାଗୁଡିକୁ ସଫେଇ କରୁଥିବା କର୍ମଚାରୀଙ୍କୁ ଟଙ୍କା ଦେଇ ରଖିବାର ସମ୍ବଳ ନାହିଁ। ସଂସ୍ଥାଦ୍ୱୟ ସଫେଇ କର୍ମଚାରୀଙ୍କୁ ରୋକଠୋକ୍ ମନା କରିଦେବା ପରେ ସେମାନେ ମେୟରଙ୍କ ବାସଭବନକୁ ଯାଇ ସାକ୍ଷାତ କରି କିଛି ବ୍ୟବସ୍ଥା କରିବାକୁ କହିଥିଲେ। ମେୟର ମଧ୍ୟ କିଛି ବିକଳ୍ପ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ୫ଦିନ ଭିତରେ ମେୟର କିଛି ବ୍ୟବସ୍ଥା ନ କରିବାରୁ କର୍ମଚାରୀମାନେ ବୁଧବାର ମେୟର ଏବଂ କମିଶନରଙ୍କୁ ସାକ୍ଷାତ କରି କେମିତି କର୍ମ ପାଇବେ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଯଦି ବିଏମ୍‌ସି ପକ୍ଷରୁ କିଛି ବ୍ୟବସ୍ଥା କରା ନ ଯାଏ ତେବେ ଆଗକୁ ସେମାନେ ରାସ୍ତାକୁ ଆସି ପ୍ରତିବାଦ କରିବେ ବୋଲି ଚେତାବନୀ ଦେଇଛନ୍ତି।



ଦୁର୍ଗତମାନଙ୍କ ପ୍ରତି ସହାନୁଭୂତି ସମ୍ପନ୍ନ ହୋଇ ସାହାଯ୍ୟ ପ୍ରାର୍ଥନା କଲେ ସାହାଯ୍ୟ ମିଳିବ ହିଁ ମିଳିବ।
- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ବଦଳିଲେ ତିଗିରିଆ ଥାନା ଅଧିକାରୀ

ତିଗିରିଆ, ୩୧।୧୦ (ଡି.ଏନ୍.ଏ.): ତିଗିରିଆ ଥାନା ଅଧିକାରୀ ସୁଶାନ୍ତ କୁମାର ଶତପଥୀଙ୍କୁ ବୁଧବାର ଅଚାନକ କଟକ ପୋଲିସ ମୁଖ୍ୟାଳୟକୁ ବଦଳି କରିଦିଆଯାଇଛି। ଏ ସମ୍ପର୍କରେ ଶତପଥୀ କହିଛନ୍ତି ଯେ, ଆଠଗଡ଼ ନିର୍ବାଚନ ମଣ୍ଡଳୀରେ ଭାଜପା ପକ୍ଷରୁ ତିଗିରିଆ ବ୍ଲକ କାର୍ଯ୍ୟାଳୟ ଘେରାଉ ହୋଇଥିଲା। ଏହି ସମୟରେ ପୋଲିସ ଉପସ୍ଥିତିରେ ଦଳୀୟ କର୍ମୀମାନେ ଫାଟକ ଭଙ୍ଗାରୁଜା କରିବା ସହ ବ୍ୟାନର ପୋଡ଼ି ଦେଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି ପୋଲିସ ପ୍ରଶାସନ ପକ୍ଷରୁ ତାଙ୍କର ବଦଳି କରିଦିଆଯାଇଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ତିଗିରିଆ ଥାନା ଅଧିକାରୀ ଶତପଥୀଙ୍କ ବିରୋଧରେ ପୂର୍ବରୁ ବହୁ ଅଭିଯୋଗ ରହିଥିଲା। ଗତ କିଛି ଦିନ ହେଲା ବିଭିନ୍ନ ଘଟଣାରେ ସେ ବିବାଦୀୟ ହୋଇପଡ଼ିଥିଲେ। ଅପରପକ୍ଷେ ଥାନା ଅଧିକାରୀଙ୍କ ବଦଳି ପରେ ଏଏସଆଇ ରମାକାନ୍ତ ଜେନା ଏହି ଦାୟିତ୍ୱ ନିର୍ବାହ କରିବେ ବୋଲି ଡିଏସପି ପ୍ରକାଶ ଚନ୍ଦ୍ର ପାଲ ସୂଚନା ଦେଇଛନ୍ତି।

### ୭ ପଞ୍ଚାୟତ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ



ବାଙ୍କୀ,୩୧।୧୦(ବି.ପ୍ର): ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦେଶ୍ୱର ପଞ୍ଚାୟତରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଗରିବ ହିତାଧିକାରୀଙ୍କୁ ବୁଧବାର ରାଶନକାର୍ଡ ବଣ୍ଟନ କରାଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ରାଶନ କାର୍ଡ ବଣ୍ଟନ ଉତ୍ସବକୁ ବିଧାୟକ ପ୍ରଭାତ କୁମାର ତ୍ରିପାଠି ଉଦ୍‌ଘାଟନ କରିଥିଲେ। ଉତ୍ସବରେ ବିଡିଓ ପ୍ରଭାତ କୁମାର ସାହୁ, ବ୍ଲକ ଅଧକ୍ଷା ପୁଷ୍ପଲତା ସାମନ୍ତ, ଉପାଧକ୍ଷ ମଦନ ମୋହନ ନାୟକ ଓ ସାମାଜିକ କର୍ମୀ ସୁରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତି କାର୍ଡରେ ହିତାଧିକାରୀଙ୍କୁ ୫କିଲୋ ଚାଉଳ ୧ଟଙ୍କା ଦରରେ ମୁଣ୍ଡ ପିଛା ପ୍ରଦାନ କରାଯିବ ବୋଲି ବିଧାୟକ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି ଅବସରରେ ବାଙ୍କୀ ବ୍ଲକ ଅନ୍ତର୍ଗତ କଳାପଥର,ବୈଦେଶ୍ୱର,ଜଗନ୍ନାଥପୁର, କେନ୍ଦୁପଲ୍ଲୀ, କାଳିପୋଇ, ବଳଭଦ୍ରପୁର ଓ ନୂଆଗାଁ ପ୍ରମୁଖ ୭ ପଞ୍ଚାୟତର ହିତାଧିକାରୀଙ୍କୁ ରାଶନକାର୍ଡ ବଣ୍ଟନ କରାଯାଇଥିଲା।

### ଷ୍ଟ୍ରିଟ ଲାଇଟ-ଏଲଇଡି ବଲ୍‌ବ ଚୋରି

ବାଙ୍କୀ, ୩୧।୧୦(ବି.ପ୍ର.): ବାଙ୍କୀ ଏନଏସିକୁ ଉଜ୍ଜ୍ୱଳ ଆଲୋକରେ ଆଲୋକିତ କରିବା ପାଇଁ ସ୍ୱତନ୍ତ୍ର ଏଲଇଡି ବଲ୍‌ବ ଲଗାଯାଇଥିଲା। ମାତ୍ର ସେଥିରୁ ୯ଟି ବିଦ୍ୟୁତ୍ ଖୁଣ୍ଟରୁ ବଲ୍‌ବ ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଏନଏସି ପକ୍ଷରୁ ଗତ ୩୧ ଅଗଷ୍ଟରେ ଶିଶୁଆ-ମନ୍ତ୍ରୀସାହି ରାସ୍ତା ପାର୍ଶ୍ୱସ୍ଥିତ ୫୪ ଖୁଣ୍ଟିରେ ଏଲଇଡି ବଲବ୍ ଲଗାଯାଇ ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ତେବେ ଉଦ୍‌ଘାଟନ ହେବାର ୨ମାସ ନପୁରୁଣୁ ୯ ବିଦ୍ୟୁତ୍ ଖୁଣ୍ଟରୁ ଏଲଇଡି ବଲ୍‌ବ ଚୋରି ହୋଇଯାଇଛି। ଏନେଇ ଏନଏସି ପକ୍ଷରୁ ନିର୍ବାହୀ ଅଧିକାରୀ ସତ୍ୟବ୍ରତ ମନ୍ତ୍ରୀ ବାଙ୍କୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଚୋରି ହୋଇଥିବା ଏଲଇଡି ବଲବ୍‌ଗୁଡିକର ମୂଲ୍ୟ ପ୍ରାୟ ୧ଲକ୍ଷ ଟଙ୍କା ହେବ ବୋଲି ସତ୍ୟବ୍ରତ କହିଛନ୍ତି। ବାଙ୍କୀ ଏନଏସି ମାନ୍ୟତା ପାଇବାର ଦୀର୍ଘ ୫୦ବର୍ଷ ପରେ ପ୍ରଥମ କରି ଏଲଇଡି ଲାଇଟ ଯୋଗେ ରାସ୍ତାକୁ ଆଲୋକିକରଣ କରିବା ପାଇଁ ବ୍ୟବସ୍ଥା ହୋଇଥିଲା। ଏହି ଘଟଣାକୁ ସାଧାରଣରେ ନିନ୍ଦା କରାଯାଇ ପୋଲିସ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

### ୭ ୱାର୍ଡ ହେଲା ଖୋଲା ଶୌଚମୁକ୍ତ

ଆଠଗଡ,୩୧।୧୦ (ସ୍ୱ.ପ୍ର.) : ଆଠଗଡ ବିଜ୍ଞାପିତ ଅଞ୍ଚଳ ପରିଷଦର ୭ଟି ୱାର୍ଡକୁ ବୁଧବାର ଖୋଲା ଶୌଚମୁକ୍ତ ୱାର୍ଡ ଘୋଷଣା କରାଯାଇଛି। ଏଗୁଡିକ ମଧ୍ୟରେ ୪ନଂ, ୭ନଂ, ୧୦ନଂ, ୧୧ନଂ, ୧୩ନଂ, ୧୪ନଂ ଓ ୧୬ନଂ ୱାର୍ଡ ଆଦି ଅନ୍ତର୍ଭୁକ୍ତ ରହିଛି। ଏଥିଲାଗି ଏନଏସି କାର୍ଯ୍ୟାଳୟ ସଂଲଗ୍ନ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଜିଲା ପୌର ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶିକା ସୁମିତ୍ରା ସରକାର ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠଗଡ ଏନଏସିର ପୂର୍ବତନ ଅଧକ୍ଷା ସୁଚିତ୍ରା ସାହୁ, ସୁବର୍ଣ୍ଣ ମଞ୍ଜରୀ ଭଞ୍ଜ, ପୂର୍ବତନ ଉପାଧକ୍ଷ ଲଳିତ ମୋହନ ନାୟକ, ପ୍ରଦୀପ୍ତ କୁମାର ଦାସ, ରଞ୍ଜିତା ଭକ୍ତା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟରଞ୍ଜନ ପଣ୍ଡା ସଭାରେ ଅଧକ୍ଷତା କରିଥିଲେ।

## ସିଏମ୍‌ସିର ୩୭ତମ କାଉନ୍‌ସିଲ୍ ବୈଠକ

# କଂଗ୍ରେସ କର୍ପୋରେଟରଙ୍କ ହୋହଲ୍ଲା

କଟକ ଅଫିସ,୩୧।୧୦



ବୈଠକରେ ଉପସ୍ଥିତ ମେୟର, କର୍ପୋରେଟର ଓ ଅନ୍ୟମାନେ।

■ ସମସ୍ୟା କହିବାକୁ ଦେଲେନି କେତେଜଣ ବିଜେଡି କର୍ପୋରେଟର

■ ମେୟର କହିଲେ, ଏଭଳି ଆଚରଣ ଠିକ୍ ନୁହେଁ

କଟକ ମହାନଗର ନିଗମର ୩୭ତମ କାଉନସିଲ ବୈଠକ ବୁଧବାର ସିଏମ୍‌ସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ତେବେ ବୈଠକ ଆରମ୍ଭରୁ କଂଗ୍ରେସ ଓ ବିଜେଡି କର୍ପୋରେଟରଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ତଥା ବୟାନବାଜିକୁ ନେଇ ଗୃହ ସରଗରମ ହୋଇପଡିଥିଲା। କଂଗ୍ରେସ କର୍ପୋରେଟରମାନେ ବିଭିନ୍ନ ସମସ୍ୟା ଉପସ୍ଥାପନ କରୁଥିବାବେଳେ କେତେଜଣ ବିଜେଡି କର୍ପୋରେଟର କହିବାକୁ ଦେଇ ନ ଥିଲେ। ଏହାକୁ ନେଇ ବହୁ ସମୟ ଧରି ହୋହଲ୍ଲା ଲାଗି ରହିଥିଲା। ଫଳରେ ପ୍ରମୁଖ ପ୍ରସଙ୍ଗ ଉପରେ ଅଧିକ ଆଲୋଚନା ହୋଇପାରି ନ ଥିଲା।
୨୮ନଂ. ୱାର୍ଡର କର୍ପୋରେଟର ବୈଶାଳୀ ବେହେରା ନିଜ ଅଞ୍ଚଳର ସମସ୍ୟା ନେଇ ମେୟର ଓ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଶନକାର୍ଡ ହିତାଧିକାରୀ ଚୟନରେ ଅନିୟମିତତା କରାଯାଇଥିବାରୁ ବହୁଗରିବ ଲୋକ ଏଥିରୁ ବଞ୍ଚିତ ହୋଇଛନ୍ତି। ୫ବର୍ଷ ହେବ ପୂଜା ସମୟରେ ରାସ୍ତାଘାଟର ମରାମତି କରାଯାଉନି। ମୁଁ କଂଗ୍ରେସ କର୍ପୋରେଟର ହୋଇଥିବାରୁ ଜାଣିଶୁଣି ଏପରି କରାଯାଉଥିବା ସେ କହିଥିଲେ। ଏହି ସମୟରେ ବିଜେଡି କର୍ପୋରେଟର ରମ୍‌ଜାନ ଖାନ୍ ତାଙ୍କୁ କହିବାକୁ ସୁଯୋଗ ନ ଦେଇ ଯଦି କଂଗ୍ରେସରେ ସମସ୍ୟା ହେଉଛି ବିଜେଡିକୁ ପଳାଇ ଆସୁନ କାହିଁକି ବୋଲି ତାଚ୍ଛଲ୍ୟ କରି କହିଥିଲେ। ସେହିଭଳି କଂଗ୍ରେସ କର୍ପୋରେଟର ଅରୁଣ ସେଠୀ ସହରର ସମସ୍ୟା ସମ୍ପର୍କରେ ସରକାରୀ ବ୍ୟବସ୍ଥାକୁ ଦୋଷାରୋପ କରି ମେୟରଙ୍କୁ କହୁଥିବାବେଳେ କେତେଜଣ ବିଜେଡି କର୍ପୋରେଟର ମଧ୍ୟ ତାଙ୍କୁ ଆକ୍ଷେପ କରି କରିଥିଲେ। କଂଗ୍ରେସକୁ ଲୋକେ ଭୁଲିଗଲେଣି, ଚୁପ୍ ରୁହ ବୋଲି କହି ସମସ୍ୟା ସମ୍ପର୍କରେ କହିବାକୁ ଦେଇ ନ ଥିଲେ। ଅନ୍ୟତମ କଂଗ୍ରେସ କର୍ପୋରେଟର ଚାରୁଲତା ସାହୁ ମଧ୍ୟ ସମାନ ବିରୋଧର ସାମ୍ନା କରିଥିଲେ। ବିଜେଡି କର୍ପୋରେଟରଙ୍କ ଏଭଳି ମନ୍ତବ୍ୟକୁ ନେଇ ବୈଶାଳୀଙ୍କ ସହ ଅନ୍ୟ କଂଗ୍ରେସ କର୍ପୋରେଟରମାନେ ପ୍ରତିବାଦ କରି ହୋହଲ୍ଲା କରିଥିଲେ। ଉଭୟ ପକ୍ଷରୁ ମୁହାଁମୁହିଁ ହୋଇଥିଲେ। ଏ ନେଇ ମେୟରଙ୍କ ନିକଟରେ ଲିଖିତ ଅଭିଯୋଗ କରାଯିବ ବୋଲି କର୍ପୋରେଟର ଗିରିବାଳା ବେହେରା କହିଛନ୍ତି। ଅଭିଯୋଗକୁ ନେଇ କର୍ପୋରେଟର ରମ୍‌ଜାନ ଖାନ କହିଛନ୍ତି, କଥା ଛଳରେ ମୁଁ ଏଭଳି କହିଦେଇଛି। ଏହା ପଛରେ ମୋର କୌଣସି ମନ୍ଦ ଉଦ୍ଦେଶ୍ୟ ନାହିଁ। ଘଟଣା ସମ୍ପର୍କରେ ମେୟର ମିନାକ୍ଷୀ ବେହେରା କହିଛନ୍ତି, କାଉନସିଲ ବୈଠକରେ ଦଳଗତ ଭିତ୍ତିରେ ନୁହେଁ, ବରଂ ନିଜ ଅଞ୍ଚଳର ସମସ୍ୟା କହିବାକୁ ସବୁ କର୍ପୋରେଟରଙ୍କର ସମାନ ଅଧିକାର ରହିଛି। ବୈଠକରେ ଜଣେ କର୍ପୋରେଟର ଆଉ ଜଣେ କର୍ପୋରେଟରଙ୍କୁ ପ୍ରତି ଦଳୀୟ ମନୋଭାବ ରଖି ଏଭଳି କହିବା ଠିକ୍ ହୋଇନି। ପୂର୍ବତନ ମେୟର ନିବେଦିତା ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ଗୃହ ଭିତରେ ଜଣେ କର୍ପୋରେଟର ଆଉ ଜଣେ କର୍ପୋରେଟରଙ୍କ ସିଧାସଳଖ ଆକ୍ଷେପ କରିବା ସହ କହିବାକୁ ସୁଯୋଗ ନ ଦେବା ଓ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ଆସିବାକୁ କହିବା ଗୃହରେ ଶୃଙ୍ଖଳା ଭଙ୍ଗ କରୁଛି। ଗୃହର ମୁଖ୍ୟ ଅର୍ଥାତ୍ ମେୟର କିମ୍ବା କମିଶନର ଚାହିଁଲେ ଏଭଳି ଆଚରଣ ପାଇଁ ସମ୍ପୃକ୍ତ କର୍ପୋରେଟରଙ୍କୁ ନୋଟିସ କରିବା ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇପାରିବେ। ଏହି ବୈଠକରେ ରାଶନ କାର୍ଡ ବିଭ୍ରାଟ, ଅପହଞ୍ଚ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏବଂ ଏଲ୍‌ଇଡି ଷ୍ଟ୍ରିଟ୍‌ଲାଇଟ ସମସ୍ୟା ନେଇ ଆଲୋଚନା ହୋଇଥିଲା। ବୈଠକ ଶେଷରେ କେତେଜଣ କର୍ପୋରେଟର କାଳୀପୂଜା ପୂର୍ବରୁ ନିଜ ଅଞ୍ଚଳରେ ସଫେଇ ପାଇଁ ଆବଶ୍ୟକ ସଫେଇ କର୍ମଚାରୀ ଯୋଗାଇଦେବାକୁ ସିଏମ୍‌ସି କମିଶନରଙ୍କୁ ଜଣାଇଥିଲେ।

## ନିଯୁକ୍ତି ମେଳାରେ ୧୦୧ ନାମ ପଞ୍ଜୀକରଣ

ବାଙ୍କୀ,୩୧।୧୦(ବି.ପ୍ର)




ନିଯୁକ୍ତି ମେଳାରେ ଯୋଗ ଦେଇଥିବା ଅତିଥିମାନେ।

ବାଙ୍କୀ ବ୍ଲକ ପକ୍ଷରୁ ସ୍ଥାନୀୟ ଟାଉନ କ୍ଲବ ପରିସରରେ ବ୍ଲକସ୍ତରୀୟ ପରାମର୍ଶ ଶିବିର ଓ ନିଯୁକ୍ତି ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଦିନ ଦୟାଳ ଉପାଧ୍ୟାୟ ଗ୍ରାମୀଣ କୌଶଳ୍ୟ ଯୋଜନା ଅନ୍ତର୍ଗତ ବିଭିନ୍ନ ଯୋଜନାରେ ଗ୍ରାମାଞ୍ଚଳର ଗରୀବ ସୀମାରେଖା ତଳେ ଥିବା ଯୁବତୀଯୁବକମାନଙ୍କୁ ବିଭିନ୍ନ ଦକ୍ଷତା ଭିତ୍ତିକ ତାଲିମ ପ୍ରଦାନ କରି କର୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ପାଇଁ ପରାମର୍ଶ ଦିଆଯାଇଛି। ନିଆମ ଏଜୁକେସନାଲ ଫାଉଣ୍ଡେସନ, ଏମବିଡି ଆଲଚେମି ପ୍ରାଇଭେଟ ଲିମିଟେଡ୍, ହୋଟେଲ ଲେମନ ଟି, ଏସକର୍ଟସ୍, ଓରମାସ, ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ, ସନ୍ଥ ଜ୍ଞାନେଶ୍ୱର ଶିକ୍ଷକ ସଂସ୍ଥା, କଫିଡେ ଗ୍ଲୋବାଲ ଲିମିଟେଡ ଏବଂ ଗ୍ରାମ ତରଙ୍ଗ ପ୍ରମୁଖ ସଂସ୍ଥା ମାନେ ଏହି ମେଳାରେ ଉପସ୍ଥିତ ରହି ପଞ୍ଜିକୃତ ବେକାରଯୁବତୀଯୁବକମାନଙ୍କୁ ସଚେତନ କରିଥିଲେ । ମେଳାରେ ମୋଟ ୧୦୧ଜଣ ନାମ ପଞ୍ଜିକରଣ କରିଥିଲେ। ବାଙ୍କୀ ବିଡିଓ ପ୍ରଭାତ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଜିଲା କୌଶଳ ଓ ଦକ୍ଷତା ବିକାଶ ସଂଯୋଜକ ବିଭୂତି ଛାଟୋଇ ଏହାକୁ ସଞ୍ଚାଳନ କରିଥିଲେ। ବ୍ଲକ ପ୍ରଗତି ସହାୟିକା ଜ୍ୟୋର୍ତିମୟୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସାମାଜିକ ସୁରକ୍ଷା ଅଧିକାରୀ ଦିବାକର ମହାପାତ୍ର, କନିଷ୍ଠ ଯନ୍ତ୍ରୀ ଅନ୍ତର୍ଯାମୀ ବିଶ୍ୱାଳ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ଏଥିରେ ସହଯୋଗ କରିଥିଲେ । ବାଙ୍କୀ ବ୍ଲକର ବିଭିନ୍ନ ପଞ୍ଚାୟତରୁ ବହୁ ଯୁବତୀ ଯୁବକମାନେ ଆସି ଆତ୍ମନିଯୁକ୍ତି ପାଇଁ ବିଭିନ୍ନ କର୍ମ ନିଯୁକ୍ତି ସଂସ୍ଥାଙ୍କଠାରୁ ପରାମର୍ଶ ନେଇଥିଲେ ।

## ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମୌସୁମୀ ମନୋନୀତ

ବାଙ୍କୀ,୩୧।୧୦(ବି.ପ୍ର.)

କଟକ ଜିଲା ନେହେରୁ ଯୁବ କେନ୍ଦ୍ର ସଂଗଠନ ତତ୍ତ୍ୱାବଧାନରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ବାଙ୍କୀ ଏନଏସି ନେହେରୁ ନଗର(ଶିଶୁଆ) ଗ୍ରାମର ଅଧ୍ୟାପକ ସୁଶାନ୍ତ ତ୍ରିପାଠୀଙ୍କ ଝିଅ ମୌସୁମୀ ତ୍ରିପାଠୀ ମଙ୍ଗଳବାର ଜିଲାରୁ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଜିଲାରେ ପ୍ରଥମ ହୋଇଥିବାରୁ ତାଙ୍କୁ ପ୍ରମାଣ ପତ୍ର ସହ ୫ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। କଟକ ରେଡ୍‌କ୍ରସ ଭବନରେ ଭାରତ ସରକାରଙ୍କ ଦ୍ୱାରା କଟକ ନେହେରୁ ଯୁବ କେନ୍ଦ୍ର ତତ୍ତ୍ୱାବଧାନରେ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ବିଷୟବସ୍ତୁ ଦେଶଭକ୍ତି ଓ ରାଷ୍ଟ୍ର ନିର୍ମାଣ ଉପରେ ରହିଥିଲା। ସଫଳତା ହାସଲ ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମୌସୁମୀଙ୍କୁ ଶୁଭେଚ୍ଛା ଜଣାଯାଇଛି। ମେଧାବୀ ଛାତ୍ରୀ ଭାବେ ସେ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲେ । ଡିସେମ୍ବରରେ ହେବାକୁ ଥିବା ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଜିଲା ପକ୍ଷରୁ ମୌସୁମୀ ଏକମାତ୍ର ପ୍ରତିଯୋଗି ଭାବରେ ଭାଗ ନେବେ ବୋଲି ଜିଲା ନେହେରୁ ଯୁବ କେନ୍ଦ୍ର ସଂଗଠନର ଯୁବ ସଂଗଠକ ଅଶୋକ ଦାସ ସୂଚନା ଦେଇଛନ୍ତି।

## ଖବରଦାତାଙ୍କ ବିୟୋଗରେ ସାମୂହିକ ଦୀପଦାନ

ଆଠଗଡ, ୩୧।୧୦ (ସ୍ୱ.ପ୍ର.)

ଛତିଶଗଡର ଦାନ୍ତେୱାଡା ଜିଲାରେ ନକ୍ସଲ ଆକ୍ରମଣରେ ଶହୀଦ୍ ହୋଇଥିବା ଦୂରଦର୍ଶନର ଓଡିଆ ଫଟୋ ଖବରଦାତା ଅଚ୍ୟୁତାନନ୍ଦ ସାହୁଙ୍କ ପାଇଁ ବୁଧବାର ଆଠଗଡ ପ୍ରେସକ୍ଲବ୍ ପକ୍ଷରୁ ଏକ ଶୋକସଭା ଓ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଯଜ୍ଞନାରାୟଣ ମନ୍ଦିରଠାରେ ଆୟୋଜିତ ଏହି ଶୋକ ସଭାରେ ଖବରଦାତା ସନାତନ ରାୟ ଅଧକ୍ଷତା କରିଥିଲେ। ଏହି ଅବସରରେ ସାହୁଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଖବରଦାତାମାନଙ୍କ ଏକ ମହମବତୀ ଶୋଭଯାତ୍ରା ଯଜ୍ଞନାରାୟଣ ମନ୍ଦିରରୁ ବାହାରି ରଥଗଡାସ୍ଥିତ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ସାମୂହିକ ଦୀପଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ସର୍ବେଶ୍ୱର ପଣ୍ଡା, ଯଶୋବନ୍ତ ବାରିକ, ସତ୍ୟପ୍ରକାଶ ରଥ, ଅର୍ଦ୍ଧେନ୍ଦୁ ମହାନ୍ତି, ନୀଳକଣ୍ଠ ଦୋରା, ମନୋରଞ୍ଜନ ମହାନ୍ତି, ଦିନେଶ ଦାସ, ଦିଲୀପ ଦାସ, ଶୈଳେନ୍ଦ୍ର ପଟ୍ଟନାୟକ, ଜ୍ଞାନରଞ୍ଜନ ସାହାଣୀ ପ୍ରମୁଖ ଯୋଗଦେଇଥିଲେ।




ଖବରଦାତାମାନେ କ୍ୟାଣ୍ଡେଲ୍ ଶୋଭାଯାତ୍ରାରେ ଯାଉଛନ୍ତି।

## ତ୍ରିବେଣୀଶ୍ୱର ବଜାରରେ ସିରିଜ ଚୋରି: ଦୋକାନୀ ଭୟଭୀତ

ଲଳିତଗିରି, ୩୧।୧୦(ସ୍ୱ.ପ୍ର.)

ମାହାଙ୍ଗା ଥାନା ଅନ୍ତର୍ଗତ ତିବେଣୀଶ୍ୱର ବଜାର ଅଞ୍ଚଳରେ ସିରିଜ ଚୋରି ଘଟଣାକୁ ନେଇ ସ୍ଥାନୀୟ ଦୋକାନୀମାନେ ଭୟଭୀତ ହୋଇପଡିଛନ୍ତି। ଏହି ବଜାରରେ ଗତ ୩ ଦିନରେ ଲଗାତର ୪ ଥର ଚୋରି ହୋଇଛି। ମାତ୍ର ପୋଲିସ ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ,ତ୍ରିବେଣୀଶ୍ୱର ବଜାରରେ ଥିବା ସାନିଟାରି ଦୋକାନ ବନ୍ଦ କରି ନୁଆଁଗାଁ ଗ୍ରାମର ବିକାଶ ଚନ୍ଦ୍ର ବେହେରା ଗତ ରବିବାର ଘରକୁ ଫେରୁଥିବା ବେଳେ ଡକାୟତି ହୋଇଥିଲା। ୨ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କୁ ମାଡ ମାରିବା ସହ ବନ୍ଧୁକ ଦେଖାଇ ମୋବାଇଲ ଓ ନଗଦ ୧୦ ହଜାର ୭ ଶହ ଟଙ୍କା ଛଡାଇ ନେଇ ଫେରାର ହୋଇଯାଇଥିଲେ। ସେହିପରି ନୁଆଁଗାଁ ଗ୍ରାମର ନରେନ୍ଦ୍ର ବେହେରା ସୋମବାର ତ୍ରିବେଣୀଶ୍ୱର ମନ୍ଦିର ନିକଟରେ ଗାଡି ରଖି ପୂଜା କରିବାକୁ ଯାଇଥିବା ବେଳେ ତାଙ୍କ ଗାଡି ଚୋରି ହୋଇଯାଇଥିଲା। ବହୁ ଖୋଜାଖୋଜି ପରେ ଗାଡି ନ ମିଳିବାରୁ ସେ ମାହାଙ୍ଗା ଥାନା ଅଧୀନ ଜୟପୁର ଫାଣ୍ଡିରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଥିଲେ। ସେଦିନ ବିଳମ୍ବିତ ରାତିରେ ବଜାରସ୍ଥିତ ବିଳାସ ସେଠୀଙ୍କ ଚପଲ ଦୋକାନରୁ ବହୁ ଟଙ୍କାର ଚପଲ ଚୋରି ହୋଇଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଅନୁରୂପ ଭାବେ ଏକ ସାଇକେଲ ଦୋକାନରୁ ମଧ୍ୟ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏସବୁ ଘଟଣା ପରେ ସ୍ଥାନୀୟ ଦୋକାନୀମାନେ ବଜାରରେ ବ୍ୟବସାୟ କରିବାକୁ ସୁରକ୍ଷିତ ମନେ କରୁନାହାନ୍ତି। ଏଠାରେ ପାଟ୍ରୋଲିଂ କଡାକଡି କରିବାକୁ ସାଧାରଣରେ ଦାବି ହୋଇଛି।

**ସୁରକ୍ଷା କଡାକଡ଼ି କରିବାକୁ ଦାବି**

## କ୍ୟାମ୍ପ୍‌କୋର୍ଟରେ ୪୦ଜଣଙ୍କୁ ଜାମିନ୍

ସାଲେପୁର,୩୧।୧୦(ଡି.ଏନ୍.ଏ.)

ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ବିଭିନ୍ନ ଜେଲ ପରିସରରେ କ୍ୟାମ୍ପକୋର୍ଟ ଆୟୋଜନ କରାଯାଇ ଜାମିନ୍‌ଯୋଗ୍ୟ ବିଚାରାଧୀନ କଏଦୀଙ୍କୁ ଜାମିନ ପ୍ରଦାନ କରଯାଉଛି। ଏହି ପରିପ୍ରେକ୍ଷୀରେ ସାଲେପୁର ସବ୍‌ଜେଲ୍‌ରେ ବୁଧବାର ଅନୁଷ୍ଠିତ କ୍ୟାମ୍ପ୍‌କୋର୍ଟରେ ୪୦ ବିଚାରାଧୀନ କଏଦୀଙ୍କୁ ଜାମିନ୍ ମିଳିଛି । ସହକାରୀ ସେସନ୍ ଜଜ୍ ପ୍ରଦୀପ ସାମଲ ଏବଂ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ କୈଳାସ ଚନ୍ଦ୍ର ସାହୁ ସକାଳ ପ୍ରାୟ ୧୦ଟାରୁ ସାଲେପୁର ସବ୍‌ଜେଲ୍ ପରିସରରେ କ୍ୟାମ୍ପକୋର୍ଟ କରି ଜାମିନ୍ ମାମଲାଗୁଡିକର ଶୁଣାଣି କରିଥିଲେ। ସେହିପରି ଏହି ସବ୍‌ଜେଲ୍ ପରିସରରେ ମଙ୍ଗଳବାର ଆୟୋଜିତ କ୍ୟାମ୍ପ୍‌କୋର୍ଟରେ ୩୧ ଜଣ କଏଦୀଙ୍କୁ ଜାମିନ୍ ପ୍ରଦାନ କରାଯାଇଥିଲା।

### ଭାଜପାର ବ୍ଲକ କାର୍ଯ୍ୟାଳୟ ଘେରାଉ ଘଟଣା

## ଫାଟକ ଭଙ୍ଗା, ବ୍ୟାନର ପୋଡ଼ା ନେଇ ଥାନାରେ ଏତଲା

ତିଗିରିଆ, ୩୧।୧୦(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ବିଭିନ୍ନ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଆଠଗଡ ନିର୍ବାଚନ ମଣ୍ଡଳୀରେ ଭାଜପା ପକ୍ଷରୁ ମଙ୍ଗଳବାର ତିଗିରଆ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ତେବେ ଏହି ଘେରାଉ ସମୟରେ ଦଳୀୟ ସମର୍ଥକ ମାନେ ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକକୁ ଭାଙ୍ଗି ଦେବା ସହ ପରେ ପରିସରମଧ୍ୟରେ ଥିବା ରାଜ୍ୟ ସରକାରଙ୍କ ବିଭିନ୍ନ ହୋର୍ଡିଙ୍ଗୁ ଜାଳି ପୋଡି ନଷ୍ଟ କରି ଦେଇଥିଲେ। କାର୍ଯ୍ୟାଳୟ ଭିତରେ ଥିବା ମୁଖ୍ୟମନ୍ତ୍ରୀଙ୍କ ଫଟୋକୁ ନଷ୍ଟ କରିଦେଇଥିଲେ। ଏନେଇ ତିଗିରିଆ ବ୍ଲକ ପ୍ରଶାସନ ପକ୍ଷରୁ ବିଡ଼ିଓ ତପନ କୁମାର ଖୁଣ୍ଟିଆ ବୁଧବାର ଥାନାରେ ଏକ ଏତଲା ଦାୟର କରିଛନ୍ତି। ପୋଲିସ ସୁରକ୍ଷା ବଳୟ ମଧ୍ୟରେ ବାରିକେଡ଼ କରି ରଖାଯାଇଥିବା ବ୍ଲକ କାର୍ଯ୍ୟାଳୟକୁ ଭାଜପାର ଦଳୀୟ ସମର୍ଥକମାନେ ପ୍ରବେଶ କରି ଭଙ୍ଗାରୁଜା ଓ ପୋଡ଼ାଜଳା କରିଛନ୍ତି ବୋଲି ସେ ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତି କରି ତିଗିରିଆ ଥାନାରେ (ନଂ-୧୦୯/୧୮)ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି ବୋଲି ତିଗିରିଆ ଥାନା ଅଧିକାରୀ ସୁଶାନ୍ତ କୁମାର ଶତପଥୀ ସୂଚନା ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କଲା ଓକିଲ ସଂଘ



ନରସିଂହପୁରରେ ଓକିଲ ସଂଘ ପକ୍ଷରୁ ପ୍ରତିବାଦ କରାଯାଉଛି।

ତିଗିରିଆ/ନରସିଂହପୁର, ୩୧।୧୦(ଡି.ଏନ୍.ଏ.)

ହାଇକୋର୍ଟର ଜଣେ ଆଇନଜୀବୀଙ୍କୁ ପୋଲିସର ମାଡ଼ ପ୍ରତିବାଦରେ ପ୍ରାୟ ଦୁଇ ମାସଧରି ରାଜ୍ୟବ୍ୟାପୀ ଓକିଲମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉ ନଥିବାରୁ ବୁଧବାର ତିଗିରିଆ ଓକିଲ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ତିଗିରିଆ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ମୁଖ୍ୟ ଫାଟକ ସମ୍ମୁଖରେ ସଂଘର ସଦସ୍ୟମାନେ ଏକଜୁଟ ହୋଇ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକାକୁ ଦାହ କରିଥିଲେ। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ସଂଘର ସଭାପତି ସରୋଜ କୁମାର ସାହୁ, ଉପସଭାପତି ସୁବାସ ଚନ୍ଦ୍ର ସାହୁ, ସହ ସମ୍ପାଦକ ସାନ୍ତନୁ କୁମାର ଦାଶ, ବରିଷ୍ଠ ଆଇନଜୀବୀ ସୂର୍ଯ୍ୟନାରାୟଣ ମହାନ୍ତି, ଆଶୁତୋଷ ମିଶ୍ର ଓ ଶଙ୍କର୍ଷଣ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ନରସିଂହପୁର ବ୍ଲକରେ ଓକିଲ ସଂଘ ପକ୍ଷରୁ ସଭାପତି ଆଡଭୋକେଟ ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ଓକିଲ ସଂଘର ସଦସ୍ୟମାନେ ଟାଉନ ପରିକ୍ରମା କରି କ୍ଲବ ଛକ ନିକଟରେ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏ ନେଇ ସଂଘ ସଦସ୍ୟଙ୍କ ନିଷ୍ପତ୍ତି କ୍ରମେ ଏକ ନିନ୍ଦା ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସଂଘ ସମ୍ପାଦକ ନିର୍ମଳେନ୍ଦୁ ମିଶ୍ର, ତ୍ରିଲୋଚନ ମହାପାତ୍ର, ଗୋଲୋକ ବିହାରୀ ମିଶ୍ର, ଗୋଲୋକ ବିହାରୀ ସାହୁ, ସୂର୍ଯ୍ୟନାରାୟଣ ପାତ୍ର, ମନୋରଞ୍ଜନ ନାୟକ, ଅଞ୍ଜନ ପ୍ରସାଦ ପଣ୍ଡା, ଅଶୋକ କୁମାର ଶତପଥୀ, ଅମୀୟ କୁମାର ପଣ୍ଡା ଓ ରବୀନ୍ଦ୍ର ନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ପାଣି ସାହିତ୍ୟ ସଭାର ପଞ୍ଚମ ସନ୍ଧ୍ୟା

## ଦେଶ ପ୍ରେମର ବାର୍ତ୍ତାବହ ଥିଲେ ଗଣକବି

ମାହାଙ୍ଗା,୩୧।୧୦(ସ୍ୱ.ପ୍ର.)




ପାଣି ସାହିତ୍ୟ ସଭାରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ଗଣକବି ବୈଷ୍ଣବ ପାଣିଙ୍କ ୧୩୬ ତମ ଜୟନ୍ତୀ ଉପଲକ୍ଷେ ମାହାଙ୍ଗା ବ୍ଲକର ବିଭିନ୍ନ ସ୍ଥାନରେ ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ସଂସଦ ପାଣି ସାହିତ୍ୟ ସଭା ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ବ୍ଲକ ଅନ୍ତର୍ଗତ ପାଇକରାପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପାଣି ସାହିତ୍ୟ ସଭାର ୫ମ ସନ୍ଧ୍ୟା ମଙ୍ଗଳବାର ଆୟୋଜିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥିଭାବେ ଯୋଜନା ଓ ଅଭିସରଣ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଉଷାଦେବୀ ଯୋଗଦେଇ ଗଣକବି ବୈଷ୍ଣବ ପାଣି ଜଣେ ସମାଜ ସଂସ୍କାରକ ଓ ଦେଶପ୍ରେମର ବାର୍ତ୍ତାବହ ଥିଲେ ବୋଲି କହିଥିଲେ। ବିଶିଷ୍ଟ ଅତିଥିଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ସମ୍ମାନିତ ଅତିଥିଭାବେ ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ଚଳଚ୍ଚିତ୍ର ଅଭିନେତ୍ରୀ ରିୟା ଦେ, ବ୍ଲକ ଅଧକ୍ଷ ଶରତ ନାୟକ, ଓ ମୁଖ୍ୟବକ୍ତା ଭାବେ ବିଶେଶ୍ୱର ମହାନ୍ତି ଯୋଗଦେଇଥିଲେ। ସେହିପରି ସମ୍ମାନିତ ବକ୍ତା ସମାଜିକ କର୍ମୀ ଅନିଲ ଜେନା , ଜିଲା ପରିଷଦ ସଭ୍ୟା ଅନ୍ନପୂର୍ଣ୍ଣା ବେହେରା, ସରପଞ୍ଚ ବାବାଜି ଚରଣ ଦାସ, ସମିତିସଭ୍ୟା ନଳିନୀମଲ୍ଲିକ , ପୂର୍ବତନ ସରପଞ୍ଚ ଦିଲୀପ ସିଂହ ପ୍ରମୁଖ ଯୋଗଦେଇ ପାଣି ସାହିତ୍ୟ ଉପରେ ଆଲୋଚନା କରିଥିଲେ। ସଭାରେ ଭାସ୍କରଚନ୍ଦ୍ର ସାହୁ ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେଇଥିବା ବେଳେ ତ୍ରିଲୋଚନ ସାହୁ ଓ ଅମରେନ୍ଦ୍ର ଛାଟୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଭାରେ ବ୍ଲକ ଯୁବ ବିଜେଡି ସଭାପତି ଶରତ ମହାପାତ୍ର, ହୃଷିକେଶ ସ୍ୱାଇଁ, ପ୍ରଶାନ୍ତ କୁମାର ସିଂହ, ଦେବାଶିଷ ସିଂହ ଓ ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଯୋଗଦେଇ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## ରାଷ୍ଟ୍ରୀୟ ଏକତା ଦିବସରେ ଗଣଦୌଡ

ସାଲେପୁର,୩୧।୧୦(ଡି.ଏନ୍.ଏ.)

ସାଲେପୁର ବ୍ଲକରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୨ତମ ଜୟନ୍ତୀ ଉପଲକ୍ଷେ ବୁଧବାର ରାଷ୍ଟ୍ରୀୟ ଏକତା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୁବନେତା ରଶ୍ମିରଞ୍ଜନ ଶତପଥୀଙ୍କ ନେତୃତ୍ୱରେ ସାଲେପୁର ହାଇସ୍କୁଲ ପଡ଼ିଆରୁ ଏକ ଗଣଦୌଡ଼ରେ ବାହାରି ରାଇସୁଙ୍ଗୁଡ଼ାଠାରେ ପହଞ୍ଚିଥିଲା। ଏଥିରେ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ସାଲେପୁର ଏସ୍‌ଡିପିଓ ପ୍ରଦୀପ କୁମାର ଜେନା ପତାକା ଦେଖାଇ ଏହି ଗଣଦୌଡ଼କୁ ଶୁଭାରମ୍ଭ କରିଥିଲେ। ଅତିଥି ଭାବେ ଡା.ସଚ୍ଚିଦାନନ୍ଦ ମିଶ୍ର ଓ ନନ୍ଦକିଶୋର କର ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବ ରାଇସୁଙ୍ଗୁଡ଼ା ହାଇସ୍କୁଲ ପଡ଼ିଆରେ ଆୟୋଜିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଶରତ କୁମାର ସାହୁ ଏଥିରେ ମୁଖ୍ୟଅତିଥି ଓ ଅତିଥିଭାବେ ବନମାଳୀ ସ୍ୱାଇଁ, ଚୌଧୁରୀ ହେମନ୍ତ କୁମାର ସାହୁ, ସତ୍ୟବାଦୀ ଚଇନି, ରଶ୍ମିରଞ୍ଜନ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଏକତା ଦିବସ ଉପରେ ଆଲୋକପାତ କରିଥିଲେ।



ଦୁର୍ଗତମାନଙ୍କ ପ୍ରତି ସହାନୁଭୂତି ସମ୍ପନ୍ନ ହୋଇ ସାହାଯ୍ୟ ପ୍ରାର୍ଥନା କଲେ ସାହାଯ୍ୟ ମିଳିବ ହିଁ ମିଳିବ।

- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

**କଟକ ଅଫିସ୍, ୩୧।୧୦:** ୧୬ ନଂ. ଜାତୀୟ ରାଜପଥର ନାନକାର ନିକଟରେ ଏକ ବାଇକ ଦୁର୍ଘଟଣାରେ ଜଗତ୍‌ପୁର ଥାନା ଅଧୀନ ଇମାମ ନଗର ଅଞ୍ଚଳର ରଞ୍ଜନ ବେହୁରା(୨୫)ଙ୍କ ମୃତ୍ୟୁ ଘଟିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୩୦୫/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ରଞ୍ଜନ ଏକ ବାଇକ (ନଂ. ଓଡି ୦୫ ସିଟି-୭୪୦୯)ରେ ମଙ୍ଗୁଳି ପଟୁ ତାଙ୍କ ଘରକୁ ଫେରୁଥିବାବେଳେ ପଛପଟୁ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ରଞ୍ଜନ ବାଇକରୁ ତଳକୁ ଖସିପଡିବାରୁ ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବିଦାୟ ନେଲେ ରେଭେନ୍‌ଶା କୁଳସଚିବ

**କଟକ ଅଫିସ, ୩୧।୧୦:** ରେଭେନଶା ବିଶ୍ୱବିଦ୍ୟାଳୟର କୁଳସଚିବ ଦାୟିତ୍ୱରେ ଥିବା ମହେଶ୍ୱର ଅଗସ୍ତି ବୁଧବାର ବିଦାୟ ନେଇଛନ୍ତି। ବିଶ୍ୱବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟାଳୟଠାରେ ଅପରାହ୍ଣରେ ଅଗସ୍ତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଶ୍ୱବିଦ୍ୟାଳୟର ସମସ୍ତ ବରିଷ୍ଠ ଅଧିକାରୀ, ଅଧାପିକା, ଅଧ୍ୟାପକ, କର୍ମଚାରୀ ସମ୍ବର୍ଦ୍ଧିତ କରିଥିଲେ। ଅଗସ୍ତି ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରିବେ। ଅନ୍ୟପକ୍ଷରେ ରାଜ୍ୟର ଏହି ଐତିହାସିକ ବିଶ୍ୱବିଦ୍ୟାଳୟର ନୂତନ କୁଳସଚିବ ଭାବେ ଗୁରୁବାର ପୂର୍ବାହ୍ଣରେ ଅଶୋକ କୁମାର ଦାସ ଦାୟିତ୍ୱ ଗ୍ରହଣ କରିବେ।

### ଏକତା ଦିବସରେ ଶପଥ ନେଲେ ପୋଲିସ

**କଟକ ଅଫିସ୍, ୩୧।୧୦:** ଓଡ଼ିଶା ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ପୋଲିସ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ରାଷ୍ଟ୍ରର ଏକତା, ଅଖଣ୍ଡତା, ଓ ସୁରକ୍ଷାକୁ ବଜାୟ ରଖିବା ପାଇଁ କାର୍ଯ୍ୟ କରିବାକୁ ଶପଥପାଠ କରାଇଥିଲେ। ଏହି ଅବସରରେ ଏଡିଜି ବିନୟତୋଷ ମିଶ୍ର, ଆଇଜି ଅସିତ୍ ତ୍ରିପାଠୀ, ପି.ଏସ୍. ରଣପିସେ, ଅମିତାଭ ଠାକୁରଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଯୋଗଦେଇଥିଲେ।

### ଜନସମ୍ପର୍କ ପଦଯାତ୍ରା

**ଖୁଣ୍ଟୁଣୀ,୩୧।୧୦(ଡି.ଏନ୍.ଏ.):** ଆଠଗଡ ବିଜେଡି ପକ୍ଷରୁ ବୁଧବାର ଖୁଣ୍ଟୁଣୀ ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ରଞ୍ଜନ କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ କୈଳାସ ଚନ୍ଦ୍ର ଦାସ, ନୃସିଂହ ଚରଣ ସାହୁ, ବିପିନ ବିହାରୀ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ବ୍ରହ୍ମାନନ୍ଦ ବେଉରାଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ। ଏହି ଯାତ୍ରା ଖୁଣ୍ଟୁଣୀ, ରମ୍ପେଇ, ପଥରକଟା, ନୂଆସାହି, ନୁଖୁରା ଆଦି ଗ୍ରାମ ପରିକ୍ରମା କରି ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଜଣାଇଥିଲେ। ଏହି ପଦଯାତ୍ରା ଖୁଣ୍ଟୁଣୀ ପଞ୍ଚାୟତ କାର୍ଯ୍ୟାଳୟଠାରେ ଶେଷ ହୋଇଥିଲା।

## ସିଏମ୍‌ସିର ୩୭ତମ କାଉନ୍‌ସିଲ୍ ବୈଠକ

# କଂଗ୍ରେସ କର୍ପୋରେଟରଙ୍କ ହୋହଲ୍ଲା

**କଟକ ଅଫିସ,୩୧।୧୦**



ବୈଠକରେ ଉପସ୍ଥିତ ମେୟର, କର୍ପୋରେଟର ଓ ଅନ୍ୟମାନେ।

- ସମସ୍ୟା କହିବାକୁ ଦେଲେନି କେତେଜଣ ବିଜେଡି କର୍ପୋରେଟର
- ମେୟର କହିଲେ, ଏଭଳି ଆଚରଣ ଠିକ୍ ନୁହେଁ

କଟକ ମହାନଗର ନିଗମର ୩୭ତମ କାଉନସିଲ ବୈଠକ ବୁଧବାର ସିଏମ୍‌ସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ତେବେ ବୈଠକ ଆରମ୍ଭରୁ କଂଗ୍ରେସ ଓ ବିଜେଡି କର୍ପୋରେଟରଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ତଥା ବୟାନବାଜିକୁ ନେଇ ଗୃହ ସରଗରମ ହୋଇପଡିଥିଲା। କଂଗ୍ରେସ କର୍ପୋରେଟରମାନେ ବିଭିନ୍ନ ସମସ୍ୟା ଉପସ୍ଥାପନ କରୁଥିବାବେଳେ କେତେଜଣ ବିଜେଡି କର୍ପୋରେଟର କହିବାକୁ ଦେଇ ନ ଥିଲେ। ଏହାକୁ ନେଇ ବହୁ ସମୟ ଧରି ହୋହଲ୍ଲା ଲାଗି ରହିଥିଲା। ଫଳରେ ପ୍ରମୁଖ ପ୍ରସଙ୍ଗ ଉପରେ ଅଧିକ ଆଲୋଚନା ହୋଇପାରି ନ ଥିଲା।

୨୮ନଂ. ୱାର୍ଡର କର୍ପୋରେଟର ବୈଶାଳୀ ବେହେରା ନିଜ ଅଞ୍ଚଳର ସମସ୍ୟା ନେଇ ମେୟର ଓ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଶନକାର୍ଡ ହିତାଧିକାରୀ ଚୟନରେ ଅନିୟମିତତା କରାଯାଇଥିବାରୁ ବହୁ ଗରିବ ଲୋକ ଏଥିରୁ ବଞ୍ଚିତ ହୋଇଛନ୍ତି। ୫ବର୍ଷ ହେବ ପୂଜା ସମୟରେ ରାସ୍ତାଘାଟର ମରାମତି କରାଯାଉନି। ମୁଁ କଂଗ୍ରେସ କର୍ପୋରେଟର ହୋଇଥିବାରୁ ଜାଣିଶୁଣି ଏପରି କରାଯାଉଥିବା ସେ କହିଥିଲେ। ଏହି ସମୟରେ ବିଜେଡି କର୍ପୋରେଟର ରମ୍‌ଜାନ ଖାନ୍ ତାଙ୍କୁ କହିବାକୁ ସୁଯୋଗ ନ ଦେଇ ଯଦି କଂଗ୍ରେସରେ ସମସ୍ୟା ହେଉଛି ବିଜେଡିକୁ ପଳାଇ ଆସୁନ କାହିଁକି ବୋଲି ତାଚ୍ଛଲ୍ୟ କରି କହିଥିଲେ। ସେହିଭଳି କଂଗ୍ରେସ କର୍ପୋରେଟର ଅରୁଣ ସେଠୀ ସହରର ସମସ୍ୟା ସମ୍ପର୍କରେ ସରକାରୀ ବ୍ୟବସ୍ଥାକୁ ଦୋଷାରୋପ କରି ମେୟରଙ୍କୁ କହୁଥିବାବେଳେ କେତେଜଣ ବିଜେଡି କର୍ପୋରେଟର ମଧ୍ୟ ତାଙ୍କୁ ଆକ୍ଷେପ କରି କରିଥିଲେ। କଂଗ୍ରେସକୁ ଲୋକେ ଭୁଲିଗଲେଣି, ଚୁପ୍ ରୁହ ବୋଲି କହି ସମସ୍ୟା ସମ୍ପର୍କରେ କହିବାକୁ ଦେଇ ନ ଥିଲେ। ଅନ୍ୟତମ କଂଗ୍ରେସ କର୍ପୋରେଟର ଚାରୁଲତା ସାହୁ ମଧ୍ୟ ସମାନ ବିରୋଧର ସାମ୍ନା କରିଥିଲେ। ବିଜେଡି କର୍ପୋରେଟରଙ୍କ ଏଭଳି ମନ୍ତବ୍ୟକୁ ନେଇ ବୈଶାଳୀଙ୍କ ସହ ଅନ୍ୟ କଂଗ୍ରେସ କର୍ପୋରେଟରମାନେ ପ୍ରତିବାଦ କରି ହୋହଲ୍ଲା କରିଥିଲେ। ଉଭୟ ପକ୍ଷରୁ ମୁହାଁମୁହିଁ ହୋଇଥିଲେ। ଏ ନେଇ ମେୟରଙ୍କ ନିକଟରେ ଲିଖିତ ଅଭିଯୋଗ କରାଯିବ ବୋଲି କର୍ପୋରେଟର ଗିରିବାଳା ବେହେରା କହିଛନ୍ତି। ଅଭିଯୋଗକୁ ନେଇ କର୍ପୋରେଟର ରମ୍‌ଜାନ ଖାନ କହିଛନ୍ତି, କଥା ଛଳରେ ମୁଁ ଏଭଳି କହିଦେଇଛି। ଏହା ପଛରେ ମୋର କୌଣସି ମନ୍ଦ ଉଦ୍ଦେଶ୍ୟ ନାହିଁ। ଘଟଣା ସମ୍ପର୍କରେ ମେୟର ମିନାକ୍ଷୀ ବେହେରା କହିଛନ୍ତି, କାଉନସିଲ ବୈଠକରେ ଦଳଗତ ଭିତ୍ତିରେ ନୁହେଁ, ବରଂ ନିଜ ଅଞ୍ଚଳର ସମସ୍ୟା କହିବାକୁ ସବୁ କର୍ପୋରେଟରଙ୍କର ସମାନ ଅଧିକାର ରହିଛି। ବୈଠକରେ ଜଣେ କର୍ପୋରେଟର ଆଉ ଜଣେ କର୍ପୋରେଟରଙ୍କୁ ପ୍ରତି ଦଳୀୟ ମନୋଭାବ ରଖି ଏଭଳି କହିବା ଠିକ୍ ହୋଇନି। ପୂର୍ବତନ ମେୟର ନିବେଦିତା ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ଗୃହ ଭିତରେ ଜଣେ କର୍ପୋରେଟର ଆଉ ଜଣେ କର୍ପୋରେଟରଙ୍କ ସିଧାସଳଖ ଆକ୍ଷେପ କରିବା ସହ କହିବାକୁ ସୁଯୋଗ ନ ଦେବା ଓ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ଆସିବାକୁ କହିବା ଗୃହରେ ଶୃଙ୍ଖଳା ଭଙ୍ଗ କରୁଛି। ଗୃହର ମୁଖ୍ୟ ଅର୍ଥାତ୍ ମେୟର କିମ୍ବା କମିଶନର ଚାହିଁଲେ ଏଭଳି ଆଚରଣ ପାଇଁ ସମ୍ପୃକ୍ତ କର୍ପୋରେଟରଙ୍କୁ ନୋଟିସ କରିବା ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇପାରିବେ। ଏହି ବୈଠକରେ ରାଶନ କାର୍ଡ ବିଭ୍ରାଟ, ଅପହଞ୍ଚ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏବଂ ଏଲ୍‌ଇଡି ଷ୍ଟ୍ରିଟ୍‌ଲାଇଟ ସମସ୍ୟା ନେଇ ଆଲୋଚନା ହୋଇଥିଲା। ବୈଠକ ଶେଷରେ କେତେଜଣ କର୍ପୋରେଟର କାଳୀପୂଜା ପୂର୍ବରୁ ନିଜ ଅଞ୍ଚଳରେ ସଫେଇ ପାଇଁ ଆବଶ୍ୟକ ସଫେଇ କର୍ମଚାରୀ ଯୋଗାଇଦେବାକୁ ସିଏମ୍‌ସି କମିଶନରଙ୍କୁ ଜଣାଇଥିଲେ।



ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀରେ କଟକ ନଗର (ଜିଲା) କଂଗ୍ରେସ କମିଟି ପକ୍ଷରୁ ମହାନଦୀର ଗଡଗଡିଆ ଘାଟରେ ଅନୁଷ୍ଠିତ ତିଳତର୍ପଣ।

## ଇନ୍ଦିରା ଗାନ୍ଧୀ ଶ୍ରାଦ୍ଧବାର୍ଷିକୀ, ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ପାଳିତ

**କଟକ ଅଫିସ, ୩୧।୧୦**

ବୁଧବାର କଟକ ନଗର (ଜିଲା) କଂଗ୍ରେସ କମିଟି ପକ୍ଷରୁ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକ ଓ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ କମିଟି ସଭାପତି ଇଂ. ମହମ୍ମଦ ମୋକିମଙ୍କ ନେତୃତ୍ୱରେ ସ୍ଥାନୀୟ ମହାନଦୀର ଗଡଗଡିଆ ଘାଟଠାରେ ତିଳତର୍ପଣ ଅନୁଷ୍ଠିତ ହୋଇଥିଲା। ଏହାପରେ ସେଲଟର ଛକସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରରେ ଥିବା ଇନ୍ଦିରା ଗାନ୍ଧୀ ଏବଂ ଶିଶୁଭବନଠାରେ ଥିବା ପଟେଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏନ. ନୀଳାଦ୍ରି ରାଓ, ମଜିଦ ଖାନ, କାଶୀନାଥ ମଲ୍ଲିକ, ଅଶ୍ୱିନୀ ମହାରଣା, ବୀରେନ୍ଦ୍ର ଦାସ, ଗିରିବାଳା ବେହେରା, ସୂର୍ଯ୍ୟକାନ୍ତ ରାଉତ, ନିକୁଞ୍ଜ ପସାୟତ, ବିଶ୍ୱଜିତ ଦାସ, ସନ୍ତୋଷ ବଳ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ କରି ସ୍ୱାମୀଙ୍କ ଆତ୍ମହତ୍ୟା

**କଣ୍ଟାପଡା, ୩୧।୧୦(ଡି.ଏନ.ଏ.)**

ଗୋବିନ୍ଦପୁର ଥାନା ଅଞ୍ଚଳରେ ବୁଧବାର ସକାଳେ ଏକ ଦୁଃଖଦ ଘଟଣା ଘଟିଛି। ଦୀର୍ଘଦିନ ଧରି ଦ୍ୱିତୀୟ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ଆସୁଥିବା ସ୍ୱାମୀ ଜଗବନ୍ଧୁ ଶେଷରେ ତାଙ୍କୁ ଶାବଳରେ ପିଟି ହତ୍ୟା ଉଦ୍ୟମ କରିବା ସହ ନିଜେ ବେକରେ ଶାଢି ଲଗାଇ ଶୋଇବା ଘରେ ଆତ୍ମହତ୍ୟା କରିଛନ୍ତି। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ୱାମୀ ଜଗବନ୍ଧୁଙ୍କ ମୃତଦେହ ବ୍ୟବଚ୍ଛେଦ ଓ ତାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ଥାନାଧିକାରୀ ଶରତ ଚନ୍ଦ୍ର ସେଠୀଙ୍କ କହିବାନୁଯାୟୀ, ଜଗବନ୍ଧୁ ସ୍ଥାନୀୟ ଅଞ୍ଚଳର ଥାନାରେ ଗୃହରକ୍ଷୀ ଭାବେ କାମ କରୁଥିବାବେଳେ ତାଙ୍କ ଦ୍ୱିତୀୟ ସ୍ତ୍ରୀ ନିକଟରେ ଥିବା ଏକ ଘରୋଇ ସ୍କୁଲରେ ପିଅନ ଭାବେ କାମ କରୁଥିଲେ। ଜଗବନ୍ଧୁ ପ୍ରଥମ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ନିର୍ଯାତନା ଦେବାରୁ ସେ ତାଙ୍କ ବାପଘରକୁ ଚାଲି ଯାଇଥିଲେ। ଫଳରେ ଜଗବନ୍ଧୁ ଦ୍ୱିତୀୟ ବିବାହ କରିଥିଲେ। ତେବେ ଦ୍ୱିତୀୟ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରୁଥିବାରୁ ଉଭୟ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ବହୁ ସମୟରେ କଳିଝଗଡା ଲାଗୁଥିଲା। ବୁଧବାର ସକାଳ ପ୍ରାୟ ୬ଟାରେ ଦ୍ୱିତୀୟ ସ୍ତ୍ରୀ ଗାଧୋଇ ସାରି ଚଉରାମୂଳେ ପୂଜା କରୁଥିବାବେଳେ ଜଗବନ୍ଧୁ ଏକ ଶାବଳ ଆଣି ତାଙ୍କ ମୁଣ୍ଡର ପଛପଟକୁ ଶକ୍ତ ପ୍ରହାର କରିଥିଲେ। ଫଳରେ ସେ ତଳେପଡି ଅଚେତ ହୋଇଯାଇଥିଲେ। ସ୍ତ୍ରୀ ମରିଗଲା ବୋଲି ଭାବି ଜଗବନ୍ଧୁ ନିଜେ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୩/୧୮) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଗଣ ଆଲୋଚନା ସଭା

**ଚୌଦ୍ୱାର, ୩୧।୧୦(ଡି.ଏନ.ଏ.)**

ଶଅର, କବାରି ଇତ୍ୟାଦି ସମ୍ପ୍ରଦାୟର ବିକାଶ ପାଇଁ କେନ୍ଦ୍ର ସରକାର ଆଦିବାସୀ ମାନ୍ୟତା ପ୍ରଦାନ କରନ୍ତୁ ନଚେତ୍ ରାଜ୍ୟ ସରକାର ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା କରିବା ଦାବିରେ ଏକ ଗଣ ଆଲୋଚନା ସଭା ବୁଧବାର ସ୍ଥାନୀୟ ଟାଉନ୍ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶବର ସମାଜ ବିକାଶ ସମିତି ପକ୍ଷରୁ ଦିଆଯାଇଥିବା ଡାକରାରେ ଉକ୍ତ ସମ୍ପ୍ରଦାୟର ଶତାଧିକ ମହିଳାପୁରୁଷ ଏହି ଆଲୋଚନାରେ ଯୋଗଦେଇ ଆଗାମୀ ଦିନରେ ଆଦିବାସୀ ମାନ୍ୟତା ଦିଗରେ ସଂଗ୍ରାମକୁ ବ୍ୟାପକ କରିବା ଲାଗି ନିଜର ମତାମତ ରଖିଥିଲେ। ପୂର୍ବରୁ ଦାବି ହୋଇ ଆସୁଥିଲେ ମଧ ୧୯୯୦ ମସିହାରୁ ଶଅର ଓ କବାରି ଜନଜାତିକୁ କେନ୍ଦ୍ର ଏବଂ ରାଜ୍ୟ ସରକାର ଆଦିବାସୀ ମାନ୍ୟତା ପ୍ରଦାନ କରୁନାହାନ୍ତି। ଏହାକୁ ନେଇ ଉକ୍ତ ସମ୍ପ୍ରଦାୟର ଲୋକମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ନ ପାରି ବହୁ ହଇରାଣ ହେଉଛନ୍ତି। ଏ ନେଇ ନଭେମ୍ବର ୩ରୁ ୧୦ ତାରିଖ ପର୍ଯ୍ୟନ୍ତ ନିଜ ନିଜ ଗାଁରେ ଶୋଭାଯାତ୍ରା, ୧୧ତାରିଖରେ ସବୁ ଶବର ସାହିରେ କଳାଦିବସ ପାଳନ ଓ ୨୫ ତାରିଖରେ ରାଜ୍ୟର କେତେକ ଷ୍ଟେଶନରେ ୧ ଘଣ୍ଟା ପାଇଁ ରେଳରୋକୋ ଆନ୍ଦୋଳନ କରାଯିବା ପାଇଁ ଆଲୋଚନାରେ ନିଷ୍ପତ୍ତି ହୋଇଥିବା ବିକାଶ ସମିତି କର୍ମକର୍ତ୍ତା ବଦ୍ରି ନାରାୟଣ ଦାସ ସୂଚନା ଦେଇଛନ୍ତି। ସଞ୍ଜୟ ହାତୀ, ସୁରେଶ ବିଶ୍ୱାଳ, ଅପନୀ ବେହେରା, ରମେଶ ଚନ୍ଦ୍ର ବେହେରା ଓ ପୁଷ୍ପା ଦାସଙ୍କ ସମେତ ବହୁ କର୍ମୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଡ୍ରିମ୍‌ସରେ ରାଷ୍ଟ୍ରୀୟ ଏକତା ଦିବସ

**କଟକ ଅଫିସ, ୩୧।୧୦**

ରାଷ୍ଟ୍ରୀୟ ଏକତା ଦିବସ ଓ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ପାଳନ ଅବସରରେ ଡ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆୟୋଜିତ ଗଣଦୌଡକୁ କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ଶୁଭାରମ୍ଭ କରିଥିଲେ। ରାଣୀ ଦେବୀ ଅଡିଟୋରିୟମଠାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଶିକ୍ଷାନୁଷ୍ଠାନ ସମୂହର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ମୁଖ୍ୟଅତିଥି ମୁଖ୍ୟଅତିଥି ଭାବେ ଯୋଗଦେଇ ପଟେଲଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ଉପରେ ଆଲୋଚନା କରି ଦେଶର ଏକତା ଓ ଅଖଣ୍ଡତା ରକ୍ଷା ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ଦାସ, ଡିନ୍ (ପ୍ରଶାସନ) ଡ. ସ୍ୱାଗତିକା ପଣ୍ଡା, ଡିନ୍ (ଛାତ୍ର କଲ୍ୟାଣ) ପ୍ରାଧ୍ୟାପକ ଡ. ନିରଞ୍ଜନ ପଣ୍ଡା ଯୋଗ ଦେଇଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଛାତ୍ର ସୌରଭ କୁମାର ରାଷ୍ଟ୍ରୀୟ ଏକତା ଦିବସ ମହତ୍ତ୍ୱ ସମ୍ପର୍କରେ ନିଜର ଅଭିମତ ଉପସ୍ଥାପନ କରିଥିଲେ। ଆୟୋଜିତ ବିବିଧ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ର ଅମନ୍ ସିଂ ରାଷ୍ଟ୍ରୀୟ ଏକତାର ସଂକଳ୍ପ ପାଠ ଓ ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## କଟକ କଲେଜରେ ଜାଲିଆତି

# କାର୍ଯ୍ୟାନୁଷ୍ଠାନ ବଦଳରେ ପୂର୍ଣ୍ଣ ଦରମା

**କଟକ ଅଫିସ, ୩୧।୧୦**

ଏକ ଫୌଜଦାରି ମାମଲାରେ ଗିରଫ ହୋଇ ଜେଲ ଯାଇଥିବା କଟକ କଲେଜର ଜଣେ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚିଠି ଲେଖିଛି ରାଜ୍ୟ ଉଚ୍ଚଶିକ୍ଷା ବିଭାଗ। ଓଡ଼ିଶା ଶିକ୍ଷା ନିୟମ-୧୯୭୪ ଅନୁଯାୟୀ ସମ୍ପୃକ୍ତ କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯିବା କଥା। ମାତ୍ର କାର୍ଯ୍ୟାନୁଷ୍ଠାନ ବଦଳରେ ତାଙ୍କୁ ନିୟମିତ ଭାବେ ପୂର୍ଣ୍ଣ ଦରମା ଦିଆଯାଉଛି। ଏହାକୁ ନେଇ ବିବାଦ ଉପୁଜିଛି। ହେଲେ କଲେଜ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ, କଲେଜର କୌଣସି ପରିଚାଳନା କମିଟି ନାହିଁ। ଫଳରେ ତାଙ୍କୁ ନିଲମ୍ବନ କରିବା ପାଇଁ କଲେଜ କର୍ତ୍ତୃପକ୍ଷ କୌଣସି ନିଷ୍ପତ୍ତି ସ୍ଥିର କରିପାରି ନ ଥିଲେ। କଲେଜ ପକ୍ଷରୁ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗକୁ ପୂର୍ବରୁ ଅନେକ ଥର ଚିଠି ଲେଖାଯାଇଛି। ମାତ୍ର ଏଯାଏ କୌଣସି ଉତ୍ତର ମିଳି ନ ଥିବା ଅଧ୍ୟକ୍ଷ ପଟ୍ଟନାୟକ କହିଛନ୍ତି।

## ସରକାରୀ ସୁବିଧା ପାଇବେ ସରୋଜିନୀ

# କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଅନୁସନ୍ଧାନ ପାଇଁ ନିର୍ଦ୍ଦେଶ

**କଟକ ଅଫିସ, ୩୧।୧୦**

ଅସହାୟ ମହିଳା ସରୋଜିନୀ ଦାସ ସରକାରୀ ସୁବିଧା ପାଇବେ। କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ଜାଗୁଲାଇପଡ଼ା ଗ୍ରାମର ଏହି ମହିଳାଙ୍କ ଅସହାୟତା କ୍ଷେତ୍ରରେ ସାମାଜିକ ଅନୁଷ୍ଠାନ ମୈତ୍ରୀ ସଂସଦ ତତ୍ପରତା ଦେଖାଇଥିଲା। ଅନୁଷ୍ଠାନର ସଭାପତି ତଥା ଆଡଭୋକେଟ ଅଜୟ ମହାନ୍ତି ବୁଧବାର କେନ୍ଦ୍ରାଞ୍ଚଳ ଆରଡିସି ମହେନ୍ଦ୍ର କୁମାର ମଲ୍ଲିକଙ୍କୁ ଭେଟି ସରୋଜିନୀଙ୍କ ଅସହାୟତା ସମ୍ପର୍କରେ ଅବଗତ କରାଇଥିଲେ। ଆରଡିସି ମଲ୍ଲିକ ଏ ସମ୍ପର୍କରେ କେନ୍ଦ୍ରାପଡା ଜିଲାପାଳ, ପିଡି ଡିଆରଡିଏ ପ୍ରମୁଖଙ୍କୁ ସରୋଜିନୀଙ୍କ ସମ୍ପର୍କରେ ଅନୁସନ୍ଧାନ କରି ତାଙ୍କୁ ସହାୟତା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅସହାୟ ମହିଳା ଏବେ ଜାଗୁଲାଇପଡ଼ା ପଞ୍ଚାୟତ ଅଫିସ ଘରେ ଆଶ୍ରୟ ନେଇଛନ୍ତି।



ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଭାଜପା କଟକ ନଗର ଜିଲା ପକ୍ଷରୁ କଟକ ଶିଶୁ ଭବନ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବା ବ୍ୟକ୍ତିବୃନ୍ଦ।

## ଚୌଦ୍ୱାର ଭାଜପାର ଗଣଦୌଡ

**ଚୌଦ୍ୱାର, ୩୧।୧୦(ଡି.ଏନ.ଏ.):** ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଚୌଦ୍ୱାର ଭାଜପା ମଣ୍ଡଳ ପକ୍ଷରୁ ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାହାନ୍ତାରୁ ଚୌଦ୍ୱାର ମଣ୍ଡଳର ସମସ୍ତ କର୍ମକର୍ତ୍ତା, ସ୍କୁଲ ଓ କଲେଜ ଛାତ୍ରୀଛାତ୍ର, ଜନସାଧାରଣ ଏବଂ ସ୍ଥାନୀୟ ଏସଆଇଏସର ପ୍ରଶିକ୍ଷଣାର୍ଥୀ ଏଥିରେ ସାମିଲ ହୋଇଥିଲେ। ଏହି ଗଣଦୌଡ ଚୌଦ୍ୱାର କଲେଜଠାରୁ ବାହାରି ନୁନ୍‌କିରିଠାରେ ସମାପ୍ତ ହୋଇଥିଲା। ଚୌଦ୍ୱାର ଭାଜପା ମଣ୍ଡଳ ସଭାପତି ବୈରାଗୀ ଚରଣ ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ଗଣଦୌଡକୁ ଭାଜପା ରାଜ୍ୟ ଉପସଭାପତି ନୟନ କିଶୋର ମହାନ୍ତି ଉଦ୍‌ଘାଟନ କରିଥିଲେ।

## ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

# ନିଜ ସ୍ୱଭାବକୁ ପ୍ରଥମେ ପରିବର୍ତ୍ତନ କରିବାକୁ ଆହ୍ୱାନ

**କଟକ ଅଫିସ, ୩୧।୧୦**

ସରକାରୀ ସେବାରେ ବୈଷୟିକ ଜ୍ଞାନକୌଶଳର ବ୍ୟାପକ ବ୍ୟବହାର ଦୁର୍ନୀତିକୁ ଧୀରେଧୀରେ ପ୍ରତିହତ କରିବାରେ ସମର୍ଥ ହୋଇଛି। ହେଲେ ଦୁର୍ନୀତିକୁ ଦେଖି ନୀରବ ରହିବା ଓ ପ୍ରତିକ୍ରିୟା ପ୍ରକାଶ ନ କରି ସହ୍ୟ କରିବା ଯୋଗୁ ଦୁର୍ନୀତି ପ୍ରୋତ୍ସାହିତ ହେଉଛି। ଏହାଦ୍ୱାରା ଦେଶର ପ୍ରଗତି ମଧ ବାଧାପ୍ରାପ୍ତ ହେଉଛି। ଏଣୁ କୌଣସି ପରିସ୍ଥିତିରେ ଦୁର୍ନୀତିକୁ ପ୍ରଶ୍ରୟ ଦେବା ଅନୁଚିତ। ନିଜର ସ୍ୱଭାବକୁ ପ୍ରଥମେ ପରିବର୍ତ୍ତନ କରି ଅନ୍ୟକୁ ପ୍ରଭାବିତ କରିପାରିଲେ ଦୁର୍ନୀତି ଆପେ ଆପେ କମିଯିବ ବୋଲି ଜିଲାପାଳ ଅରବିନ୍ଦ ଅଗ୍ରୱାଲ କହିଛନ୍ତି। ବୁଧବାର ପୂର୍ବାହ୍ଣରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଆୟୋଜିତ ଆଲୋଚନାଚକ୍ରରେ ଜିଲାପାଳ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଆହ୍ୱାନ ଦେବା ସହ ସମସ୍ତ କର୍ମଚାରୀଙ୍କୁ ସ୍ୱଚ୍ଛତା, ବୈଷୟିକ କୌଶଳ ଓ ଟିମ ସ୍ପିରିଟ୍‌କୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ।

ମୁଖ୍ୟବକ୍ତା ଭାବେ କଟକ ଡିଭିଜନ ଭିଜିଲାନ୍ସ ଏସ୍‌ପି ଶଶିଭୂଷଣ ମିଶ୍ର କହିଲେ, ଦୁର୍ନୀତିର କୁପ୍ରଭାବ ସୁଦୂର ପ୍ରସାରୀ ଏବଂ ଏହା ଦେଶର ଅର୍ଥନୀତିକୁ ପଙ୍ଗୁ କରି ଦେଉଛି। ଗତବର୍ଷ ଭିଜିଲାନ୍ସ ଡିଭିଜନ ପକ୍ଷରୁ ଲାଞ୍ଚ ନେବା, ଆୟ ବହିର୍ଭୂତ ସମ୍ପତ୍ତି ଓ ସରକାରୀ ଅର୍ଥ ତୋସରପାତ ଅଭିଯୋଗରେ ୭୦ଟି କେସ୍ ରୁଜୁ କରାଯାଇଥିଲା। ୫୪ ପ୍ରତିଶତ ଦୋଷୀ ସାବ୍ୟସ୍ତ ପ୍ରମାଣିତ ହୋଇଛନ୍ତି। ଗତବର୍ଷ ଏହି ହାର ୫୨ ପ୍ରତିଶତ ଥିଲା। ଅନ୍ୟପକ୍ଷରେ ଜନସାଧାରଣ ଏହା ଦ୍ୱାରା ଅଧିକ ସଚେତନ ହୋଇଥିବା ମିଶ୍ର ପ୍ରକାଶ କରିଥିଲେ। ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ମାଧବ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜରେ ତୁଳନାତ୍ମକ ଜୀବନ ପରିହାର କଲେ ଦୁର୍ନୀତି କମିବ ଓ ସଚେତନତା ସହିତ ଦୁର୍ନୀତି ନିବାରଣ ପାଇଁ ଆହୁରି କଡା ଆଇନର ଆବଶ୍ୟକତା ରହିଥିବା କହିଥିଲେ। ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ ସ୍ୱାଗତ ଭାଷଣ ଓ ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ବିଭୁଦେନ୍ଦୁ ଦାସ ଧନ୍ୟବାଦ ଦେଇଥିଲେ। ଅକ୍ଟୋବର ୨୯ରୁ ନଭେମ୍ବର ୩ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଚଳିତ ବର୍ଷର ପ୍ରସଙ୍ଗ ରହିଛି 'ଦୁର୍ନୀତି ଦୂରୀକରଣ- ନବ ଭାରତ ନିର୍ମାଣ'।

## ସୋମପୁର ମୁସ୍‌ଲିମ୍ ସାହି ବିଦ୍ୟାଳୟରେ ଉତ୍ତେଜନା

# ସିଆରସିସି, ପ୍ରଧାନ ଶିକ୍ଷୟିତ୍ରୀ ଅଟକ

**କଟକ ସଦର, ୩୧।୧୦(ଡି.ଏନ.ଏ.)**



ବିଦ୍ୟାଳୟ ବାରଣ୍ଡାରେ ଅଭିଭାବକମାନେ ଧାରଣାରେ ବସିଛନ୍ତି।

କଟକ ସଦର ବ୍ଲକ ଅଧୀନ ସୋମପୁର ମୁସ୍‌ଲିମ୍ ସାହି ନୂତନ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଉତ୍ତେଜନା ପ୍ରକାଶ ପାଇଥିଲା। ବିଦ୍ୟାଳୟକୁ ସମ୍ପୂର୍ଣ୍ଣ ବନ୍ଦ କରି ଏହାର ଆସବାବପତ୍ର ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ବିରୋଧ କରି ଅଭିଭାବକ ଓ ପରିଚାଳନା କମିଟିର ସଭ୍ୟାସଭ୍ୟମାନେ ପାଟିତୁଣ୍ଡ କରିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ଆସବାବପତ୍ର ଅନ୍ୟତ୍ର ସ୍ଥାନାନ୍ତର ହୋଇପାରିଲା ନାହିଁ। ମିଳିଥିବା ସୂଚନା ଅନୁଯାୟୀ, ୨୦୦୯ ମସିହାରୁ ଖୋଲିଥିବା ଏହି ବିଦ୍ୟାଳୟରେ ୫ଟି ଶ୍ରେଣୀରେ ୧୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେଥିପାଇଁ ଏହି ବିଦ୍ୟାଳୟକୁ ବନ୍ଦ କରି ନିକଟସ୍ଥ ସୋମପୁର ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ ଲକ୍ଷ୍ୟରେ ବିରିଡି ବ୍ଲକ ସିଆରସିସି ପ୍ୟାରିଶ ମୋହନ ସ୍ୱାଇଁ ଚୌକି, ଟେବୁଲ ଓ କାଗଜପତ୍ର ନେବା ପାଇଁ ସକାଳବେଳା ଉକ୍ତ ବିଦ୍ୟାଳୟରେ ପହଞ୍ଚିଥିଲେ। ଏହି ଖବର ପ୍ରଚାରିତ ହେବା ମାତ୍ରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜାହିରା ଅସରଫଙ୍କ ନେତୃତ୍ୱରେ ଅଭିଭାବକମାନେ ସିଆରସିସି ସ୍ୱାଇଁ ଓ ପ୍ରଧାନଶିକ୍ଷୟିତ୍ରୀ ପାଣିଗ୍ରାହୀଙ୍କୁ ଉକ୍ତ ବିଦ୍ୟାଳୟର ଏକ ଗୃହରେ ଅଟକ ରଖିବା ସହ କବାଟ ବନ୍ଦ କରି ବାରଣ୍ଡାରେ ଧାରଣାରେ ବସିଥିଲେ। ଏପରି କି ବିଦ୍ୟାଳୟର କୌଣସି ଜିନିଷ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦେଇ ନ ଥିଲେ। ୧୫ ଜଣରୁ କମ୍ ପିଲା ପଢୁଥିବା ବିଦ୍ୟାଳୟକୁ ବନ୍ଦ କରିଦେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବାରୁ ତଳସ୍ତରର ଶିକ୍ଷା ଅଧିକାରୀମାନେ ଏହା ଉପରେ କୌଣସି ନିଷ୍ପତ୍ତି ଓ ପ୍ରତିଶ୍ରୁତି ଦେବା ସମ୍ଭବ ନୁହେଁ ବୋଲି ସିଆରସିସି ସ୍ୱାଇଁ କହିବା ପରେ ଉତ୍ତେଜନା ଅଧିକ ବଢିଥିଲା। ଖବର ପାଇ ବିରିଡି ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ବିଜୟ କୁମାର ଦ୍ୱିବେଦୀ ବିଦ୍ୟାଳୟରେ ପହଞ୍ଚି ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ। ଜିଲା ଶିକ୍ଷାଧିକାରୀଙ୍କ ସହ ଅଧିକ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ସ୍ଥିର ହୋଇଥିଲା। ଏହାପରେ ସିଆରସିସି ଓ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅଭିଭାବକମାନେ ଛାଡି ଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧ ନଭେମ୍ବର,୨୦୧୮

ଦୁର୍ଗତମାନଙ୍କ ପ୍ରତି ସହାନୁଭୂତି ସମ୍ପନ୍ନ ହୋଇ ସାହାଯ୍ୟ ପ୍ରାର୍ଥନା କଲେ ସାହାଯ୍ୟ ମିଳିବ ହିଁ ମିଳିବ।
- ସ୍ୱାମୀ ବିବେକାନନ୍ଦ





ବିଜେବି ହାଇସ୍କୁଲ ପଡିଆରେ ଏକତ୍ରିତ ହୋଇଥିବା ମା’ ଗଜଲକ୍ଷ୍ମୀଙ୍କ ମେଢ ।



# ମେଲାଣି ନେଲେ ମା’ ଗଜଲକ୍ଷ୍ମୀ

**ଖୋର୍ଦ୍ଧା ଅଫିସ,୩୧।୧୦**

ଖୋର୍ଦ୍ଧାରେ ବ୍ୟବସାୟୀ ମହାସଂଘ ମିଳିତ ଭସାଣି କମିଟି ପକ୍ଷରୁ ୭ ଦିନ ଧରି ଚାଲିଥିବା ମା’ ଗଜଲକ୍ଷ୍ମୀ ପୂଜା ବୁଧବାର ଜିଲା ପ୍ରଶାସନ ଓ ପୌର ପ୍ରଶାସନର ମିଳିତ ଆନୁକୂଲ୍ୟରେ ବିସର୍ଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାରେ ମା’ଙ୍କୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଅଶ୍ରୁଳ ନୟନରେ ମେଲଣି ଦେଇଥିଲେ।

ପ୍ରତ୍ୟେକ ପୂଜା କମିଟିର ମେଢଗୁଡିକ ସ୍ଥାନୀୟ ବିଜେବି ହାଇସ୍କୁଲ ପଡିଆରେ ଏକତ୍ରିତ ହୋଇଥିଲେ। ୩୪ ରୁ ୨୯ ମେଢ ପଡିଆରେ ପହଞ୍ଚିଥିଲେ। ମେଢଗୁଡିକୁ କ୍ରମାନ୍ୱୟରେ ଆସିବା ପରେ ସେମାନଙ୍କ ନା ପଞ୍ଜୀକୃତ କରାଇଥିଲେ। ସନ୍ଧ୍ୟା ୬ଟାରେ ବାହାରିଥିଲା ମିଳିତ ଭସାଣି ଶୋଭାଯାତ୍ରା। ପ୍ରଥମେ ଆସିଥିବା ମେଢ ପ୍ରଥମେ ଏବଂ ଶେଷରେ ପହଞ୍ଚି ଥିବା ମେଢ ପଛରେ ଏହିଭଳି କ୍ରମାନ୍ୱୟରେ ଭସାଣି ଉତ୍ସବର ପଡିଆରୁ ବାହାରି ଥିଲେ। ଆତସବାଜି, ବାଜା, ବାଣ ସହ ବିରାଟ ପଟୁଆର ବାହାରିଥିଲା। ଏଥିରେ ବୃଷଭ ନାଚ, କଳାଘୋଡା ନାଚ, ବାଘ ନାଚ, କଣ୍ଢେଇ ନାଚ, ଢ଼ୋଲକି ନୃତ୍ୟ ଦେଖିବାକୁ ମିଳିଥିଲା। ସେହିପରି ନାମ ସଂକୀର୍ତ୍ତନ, ବିଭିନ୍ନ ପ୍ରକାରର ନୃତ୍ୟ ମଧ୍ୟ ଅନ୍ୟତମ ଚିତ୍ତାକର୍ଷକ ଥିଲା। ଅପରପକ୍ଷେ ପଟୁଆର ମାଧ୍ୟମରେ ମା’ଙ୍କୁ ବିଦାୟ ଜଣାଇଥିଲେ ସହରବାସୀ। ଭସାଣି ଶୋଭାଯାତ୍ରାରେ ହଜାର ହଜାର ଲୋକ ସାମିଲ ହୋଇଥିବା ବେଳେ ରାସ୍ତାପାର୍ଶ୍ୱରେ ଦେଖଣାହାରି ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା। ସମସ୍ତେ ରାସ୍ତା କଡରେ ଠିଆ ହୋଇ ରହି ଶୋଭାଯାତ୍ରାକୁ ଉପଭୋଗ କରିଥିଲେ। ମେଢଗୁଡିକ ବିଜେବି ହାଇସ୍କୁଲ ପଛପଟ ଗେଟରେ ବାହାରି ଜିଲା ଆରକ୍ଷୀ ଅଧିକାରୀଙ୍କ କାର୍ଯ୍ୟାଳୟଠାରୁ ନୟାଗଡ ବସଷ୍ଟାଣ୍ଡ ରୋଡ, ପେଟ୍ରୋଲ ପମ୍ପ ଛକ, ପୁରୁଣା ବସଷ୍ଟାଣ୍ଡ, ପୁରୁଣା ଟ୍ରାଫିକ ଛକ ଦେଇ କେନ୍ଦ୍ର ସମବାୟ ବ୍ୟାଙ୍କ ଛକରେ ପହଞ୍ଚିଥିଲା। ସେଠାରେ ପ୍ରଶାସନିକ ଅଧିକାରୀମାନେ ଶ୍ରେଷ୍ଠ ମୃଣ୍ମୟୀ ମୂର୍ତ୍ତି ଓ ମେଢ, ଶ୍ରେଷ୍ଠ ଶୋଭାଯାତ୍ରା ଏବଂ ଶ୍ରେଷ୍ଠ ଶାନ୍ତିଶୃଙ୍ଖଳାକାରୀ ଦଳର ଚୟନ କରିଥିଲେ। ପରେ ମେଢ଼ଗୁଡିକ ପୁଣି ପଟୁଆରରେ ଷ୍ଟେଟ ବ୍ୟାଙ୍କ ଛକ, ନୂଆ ବସଷ୍ଟାଣ୍ଡ ଟିଏଲ୍‌ସି ରୋଡ ଦେଇ ଖଣି ନିକଟରେ ଥିବା ଅସ୍ଥାୟୀ ବିସର୍ଜନ ପୋଖରୀରେ ବିସର୍ଜିତ ହୋଇଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ବିସର୍ଜନ ପର୍ବ ଚାଲୁ ରହିଛି। ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାରେ ଶେଷ କରିବା ଲାଗି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ସହରରେ ୫ ପ୍ଲାଟୁନ ଫୋର୍ସ, ୩ ଜଣ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର, ୭୯ ହୋମଗାର୍ଡ, ୪୦ ଜଣ ଅଧିକାରୀ ନିୟୋଜିତ ହୋଇଥିଲେ। ସୂଚନାଯୋଗ୍ୟ ଯେ, ୧୪ ବର୍ଷ ତଳେ ବର୍ତ୍ତମାନର ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁଙ୍କ ଉଦ୍ୟମ କ୍ରମେ ଏହି ମିଳିତ ଭସାଣି ଉତ୍ସବ ପ୍ରଥମ ଥର ଲାଗି ଆରମ୍ଭ ହୋଇଥିଲା।

## ଭସାଣି ଯାତ୍ରା ଏପାଖ ସେପାଖ

### ଛାତିଥରା ଡିଜେ ସାଉଣ୍ଡ

**ଖୋର୍ଦ୍ଧା ଅଫିସ,୩୧।୧୦:**

ଗଜଲକ୍ଷ୍ମୀ ଭସାଣି ଯାତ୍ରାରେ ଛାତି ଥରା ଡିଜେ ସାଉଣ୍ଡ ଲୋକଙ୍କୁ ବିଚଳିତ କରିଥିଲା। ପ୍ରସ୍ତୁତି ବୈଠକରେ ଏସ୍‌ପି ରାୟ କହିଥିଲେ ୬୫ ଡେସିବଲ୍‌ରୁ ଅଧିକ ସାଉଣ୍ଡ ହେବନାହିଁ। ହେଲେ ଏହାକୁ କିଏ ମାନି ନ ଥିଲେ। ବିଜେବି ହାଇସ୍କୁଲ ପଡିଆରେ ଏକତ୍ରିତ ହୋଇଥିବା ଗଜଲକ୍ଷ୍ମୀ ମେଢ଼ର ଡିଜେ ସାଉଣ୍ଡରେ ଶ୍ରୀରାମନଗର ଥରି ଉଠିଥିଲା। ଏସ୍‌ପିଙ୍କ ଉପସ୍ଥିତିରେ ଡିଜେ ସାଉଣ୍ଡ ହେଉଥିଲେ ହେଁ ସେ ମୁହଁ ଖୋଲି ନ ଥିଲେ।

### ଆସିଲାନି ସାଗର କନ୍ୟା ମେଢ଼

ଚଳିତବର୍ଷ ଭସାଣି ଉତ୍ସବରେ ସାଗର କନ୍ୟା ଗଜଲକ୍ଷ୍ମୀ ପୂଜା କମିଟି ଠେଙ୍ଗାହାଟ ଯୋଗ ଦେଇନି। ଖୋର୍ଦ୍ଧା ମ୍ୟୁନିସିପାଲିଟି ନିକଟସ୍ଥ ସୁନ୍ଦରୀ ବର ଗଛ ଡାଳ କଟାଗଲା ନାହିଁ। ସେହିପରି ସୁନ୍ଦରୀ ବରଗଛ ତଳେ ହୋଇଥିବା ମେଢ଼ର ସାଜସଜା ରହିଛି। ଏ ଦିଗ ଦେଇ ଠେଙ୍ଗାହାଟ ମେଢ଼ ଆସି ପାରିବନି। ସେହିପରି ନୂଆ ବସଷ୍ଟାଣ୍ଡ ନିକଟରେ ମଧ୍ୟ ଅନୁରୂପ ଭାବେ ଗଜଲକ୍ଷ୍ମୀ ମେଢ଼ ରହିଛି। ସେହିପରି ମେଢ଼ ଆସିବା ବେଳେ ପ୍ରତିବର୍ଷ ବିଦ୍ୟୁତ୍ ତାର ଲାଗୁ ଥିଲେ ହେଁ ସେସୁ କିଛି ପଦକ୍ଷେପ ନେଉନାହିଁ। ପୂର୍ବରୁ ଅସୁବିଧାଗୁଡିକ ଉପସ୍ଥାପନ କରାଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇ ନ ଥିଲା।

### ଆକର୍ଷଣୀୟ ଶୋଭାଯାତ୍ରା

ବିଭିନ୍ନ ମେଢ଼ରେ କେବଳ ସ୍ଥାନୀୟ ଯୁବକଙ୍କର ଡ୍ୟାନ୍ସ ଦେଖିବାକୁ ମିଳିଥିଲା। ବାଘ, ଚଇତି ଘୋଡା ପରି ନାଚ ଦର୍ଶକଙ୍କୁ ଆକୃଷ୍ଟ କରି ନ ଥିଲା। କାମନାମନ୍ଦିର ଗଜଲକ୍ଷ୍ମୀ ପୂଜା କମିଟିର ମେଢ଼ ବେଶ ଚିତ୍ତାକର୍ଷକ ଥିଲା। ଶୋଭାଯାତ୍ରାର ସର୍ବ ଶେଷରେ ଆସିଥିବା ଏହି ମେଢ଼ର କୋଲକତାର ଦୁର୍ଗା ମଣ୍ଡପରେ ବାଜୁଥିବା ଢ଼ୋଲକ ବାଦ୍ୟ ସହ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ସେହିଭଳି ମୁଣ୍ଡରେ କଳସ ରଖି କେନ୍ଦୁଝରର ଆଦିବାସୀ ଯୁବତୀଙ୍କ ନୃତ୍ୟ ଅନ୍ୟତମ ଆକର୍ଷଣ ଥିଲା। କଳାହାଣ୍ଡିର ଘୁମୁରା ବାଦ୍ୟ ତାଳେ ତାଳେ ଗାଡି ଉପରେ ଯୁବତୀଯୁବକଙ୍କ ନୃତ୍ୟ ଅନୁରୂପ ଚିତାକର୍ଷକ ଥିଲା।

### ରାତି୧୨ରେ ୧୯ ମେଢ଼

ରାତି ୧୨ଟା ସୁଦ୍ଧା ୧୯ ମେଢ଼ ଖଣି ପୋଖରୀରେ ବିସର୍ଜନ ହୋଇଥିଲେ। ରାତି ୧୧ଟା ସୁଦ୍ଧା ଶେଭାଯାତ୍ରା ବନ୍ଦ ହେବ ବୋଲି କୁହାଯାଇଥିଲେ ମଧ୍ୟ ଏହାକୁ କେହି ମାନିନାହାନ୍ତି। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଭସାଣି ଚାଲୁ ରହିଛି। ଖଣି ପୋଖରୀରେ ପ୍ରତିବର୍ଷ ମୃଣ୍ମୟ ମୂର୍ତ୍ତି ବିସର୍ଜନ ହେଉଥିବାରୁ ଧୀରେ ଧୀରେ ଏହା ପୋତି ହେବାରେ ଲାଗିଲାଣି।



ଭସାଣିରେ ସାମିଲ ହୋଇଥିବା ମେଢ଼ ।







ଭସାଣି ଶୋଭାଯାତ୍ରାରେ ଘଣ୍ଟବାଜା, ଯୋଡି ଶଙ୍ଖ ଓ ଡିଜେର ତାଳେ ତାଳେ ଯୁବତୀ ଯୁବକଙ୍କ ନୃତ୍ୟ ପରିବେଷଣ ।

## ସଂକ୍ଷେପରେ

### ଓକିଲଙ୍କ ଆନ୍ଦୋଳନରୁ କୋର୍ଟ କାର୍ଯ୍ୟ ବନ୍ଦ

ଖୋର୍ଦ୍ଧା ଅଫିସ,୩୧।୧୦:ରାଜ୍ୟରେ ପୋଲିସ ଓ ଓକିଲଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ଘନୀଭୂତ ହେବାରେ ଲାଗିଛି। ହାଇକୋର୍ଟ ବାର ଆସୋସିଏଶନ ସମେତ ଜିଲାର ବାର ଆସୋସିଏଶନଗୁଡିକ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରହିଛି। ବୁଧବାର ବାଣପୁର ଓକିଲ ସଂଘ ଏହାକୁ ସମର୍ଥନ ଜଣାଇଛନ୍ତି। ସଂଘର ସଭାପତି ଗୌରୀଶଙ୍କର ଷଡଙ୍ଗୀ ଓ ସମ୍ପାଦକ ଜଗନ୍ନାଥ ଭୋଳଙ୍କ ନେତୃତ୍ୱରେ ବୁଧବାର ପୂର୍ବାହ୍ନରେ ଓକିଲମାନେ ପୋଲିସ ପ୍ରଶାସନ ବିରୋଧରେ ବିଭିନ୍ନ ସ୍ଲୋଗାନମାନ ଦେବା ସହ କୋର୍ଟ ସମ୍ମୁଖ ରାସ୍ତାରେ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ବାଣପୁର ଓକିଲ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିବାରୁ କୋର୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। ଖୋର୍ଦ୍ଧାରେ ଆନ୍ଦୋଳନ ୨ୟ ଦିନ ପାଇଁ ହୋଇଥିଲା।

### ପିସିସି ମୁଖପାତ୍ର ହେଲେ ପ୍ରଶାନ୍ତ

ଖୋର୍ଦ୍ଧା ଅଫିସ,୩୧।୧୦:ବାଣପୁର ଗମ୍ଭାରୀମୁଣ୍ଡା ଅଞ୍ଚଳର ଯୁବ ଆଇନଜୀବୀ ତଥା ଭୁବନେଶ୍ୱର ଟାକ୍ସବାର ଆସୋସିଏଶନର ଉପସଭାପତି ପ୍ରଶାନ୍ତ କୁମାର ଶତପଥୀ ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ଭାବେ ନିଯୁକ୍ତି ପାଇଛନ୍ତି। ଦଳ ପକ୍ଷରୁ ଶତପଥୀ ବିଭିନ୍ନ ବିତର୍କରେ ଭାଗ ନେଇ କଂଗ୍ରେସ ଦଳର ଆଭିମୁଖ୍ୟ ସ୍ପଷ୍ଟ କରୁଥିବା ବେଳେ ନିଜର ନିଯୁକ୍ତି ପାଇଁ ସେ ଅଖିଳ ଭାରତୀୟ କଂଗ୍ରେସ ସଭାପତି ରାହୁଲ ଗାନ୍ଧୀଙ୍କ ସମେତ ଓଡିଶା କଂଗ୍ରେସ ପ୍ରଭାରୀ ଜିତେନ୍ଦ୍ର ସିଂ, ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଓ କଟକ ନଗର କଂଗ୍ରେସ ସଭାପତି ମହମଦ ମୋକିମ୍‌ଙ୍କୁ କୃତଜ୍ଞତା ଜଣାଇଛନ୍ତି। ଚିଲିକାବାସୀଙ୍କ ଉନ୍ନତି ସହ ଯୁବ ସମାଜର ଉନ୍ନତିକୁ ପ୍ରାଥମିକତା ଦେବେ ବୋଲି ବାଣପୁରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଶତପଥୀ କହିଛନ୍ତି।

# ଦୁର୍ନୀତି ହଟାଇବାକୁ ସଚେତନତା ଜରୁରୀ

**ଖୋର୍ଦ୍ଧା ଅଫିସ,୩୧ ।୧୦:**

ଜିଲା ସଂସ୍କୃତି ଭବନ ପରିସରରେ ବୁଧବାର ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ସଭା ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ଭିଜିଲାନ୍ସ ଡିଏସପି ଶରତ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଆରକ୍ଷୀ ଅଧୀକ୍ଷକ ସୁଧା ସିଂ ଯୋଗଦେଇ କହିଥିଲେ ଦୁର୍ନୀତି ସମାଜ ପାଇଁ ଏକ ବଡ କଳଙ୍କ। ଏଥିରେ ଲଗାମ ଲଗାଇବାକୁ ହେଲେ ମାନସିକତାରେ ପରିବର୍ତ୍ତନ ଆଣି କାର୍ଯ୍ୟ କରିବାକୁ ପଡିବ। ପୁଣି ସଚେତନତା ସୃଷ୍ଟି କରିବାକ ପଡିବ। ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଏସ୍‌ପି ଦୀପ୍ତି ରଞ୍ଜନ ରାୟ କହିଥିଲେ କାହିଁ କେଉଁ କାଳରୁ ଦୁର୍ନୀତି ରହିଛି। ଏହାର ମୂଳୋତ୍ପାଟନ କରାଯିବା ଦରକାର। ମୁଖ୍ୟ ଅତିଥି ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର କହିଥିଲେ, କେବଳ ସରକାରୀ କର୍ମଚାରୀ ଓ ଅଧିକାରୀଙ୍କୁ ଦୋଷ ଦେଇ ଖସିଯିବା ଠିକ୍ ନୁହେଁ। ଦୁର୍ନୀତି ନିବାରଣ ପାଇଁ ସାଧାରଣ ଲୋକ ସଚେତନ ହେବା ଆବଶ୍ୟକ। ଆଇନଜୀବୀ ଶକ୍ତିଶଙ୍କର ମିଶ୍ର ଓ ଅଜିତ ପଟ୍ଟନାୟକ, ବରିଷ୍ଠ ନାଗରିକ ମହାସଭାର ସାଧାରଣ ସମ୍ପାଦକ ବିମଳ ଷଡଙ୍ଗୀ କହିଥିଲେ, ନିରକ୍ଷରତା, ଦାରିଦ୍ର୍ୟ ଓ ମାନସିକତାରେ ପରିବର୍ତ୍ତନ ନ ଆସିବପାରୁ ଦୁର୍ନୀତିରେ ଲଗାମ ଲଗା ଯାଇ ପାରୁନି। ଅନ୍ୟମାନଙ୍କ ମଧ୍ୟରେ ସ୍ତମ୍ଭକାର ଉମା ଶଙ୍କର ପ୍ରସାଦ, ପୂର୍ବତନ ଏସ୍‌ପି ଦେବ ପ୍ରସାଦ ମଜୁମଦାର ଓ ବରିଷ୍ଠ ନାଗରିକ ଚକ୍ରଧର ଚୌଧୁରୀ ପ୍ରମୁଖ ଅନୁରୂପ ଭାବେ ଟିପ୍ପଣୀ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରଜିତ ମିଶ୍ର ଧନ୍ୟବାଦ ଦେଇଥିଲେ।

# ରେଲୱେ ମାର୍କେଟ୍‌ରୁ ୧୭ ନାବାଳକ ଉଦ୍ଧାର

**ଜଟଣୀ,୩୧।୧୦(ଡି.ଏନ.ଏ.)**

ଜଟଣୀ ରେଲୱେ ମାର୍କେଟ୍‌ରେ ବୁଧବାର ସକାଳେ ବହୁସଂଖ୍ୟାରେ ବୁଲୁଥିବା ନାବାଳକଙ୍କୁ ଚାଲାଣ କରାଯାଉଥିବା ସନ୍ଦେହରେ ପୋଲିସ ଥାନାକୁ ନେଇ ଯାଇଥିଲା। ଏହି ନାବାଳକଙ୍କ ସହ ୧୦ରୁ ୧୨ ଜଣ ଯୁବକ ମଧ୍ୟ ରହିଥିଲେ। ପଚରାଉଚୁରା ପରେ ସେମାନେ ଛତିଶଗଡ଼ ରାୟପୁରରୁ ଟ୍ରେନ୍‌ରେ ଆସି ଖୋର୍ଦ୍ଧାରୋଡ଼ ରେଲୱେ ଷ୍ଟେଶନରେ ଓହ୍ଲାଇଥିବା କହିଥିଲେ। ଏଠାରୁ ସେମାନେ ସଡ଼କ ପଥରେ ଅନୁଗୋଳ ଲକ୍ଷ୍ମୀପୂଜାରେ ନୃତ୍ୟ ଓ ବାଦ୍ୟ ପରିବେଷଣ କରିବାକୁ ଯାଉଥିବା ସୂଚନା ଦେଇଥିଲେ। ପୋଲିସଠାରୁ ସୂଚନା ପାଇ ଖୋର୍ଦ୍ଧା ଚାଇଲ୍ଡ ଲାଇନ୍‌ର କର୍ମଚାରୀ ପହଞ୍ଚି ସମସ୍ତଙ୍କ ନାମ ଓ ଠିକଣା ସଂଗ୍ରହ କରିବା ସହ ରହିଥିବା ୧୭ ଜଣ ନାବାଳକଙ୍କୁ କାଉନ୍‌ସିଲିଂ କରିଥିଲେ। ଜଟଣୀସ୍ଥିତ ଚାଇଲ୍ଡ ଲାଇନ୍‌ର ମୁକ୍ତ ଆଶ୍ରୟସ୍ଥଳରେ ଉଦ୍ଧାର ହୋଇଥିବା ନାବାଳକମାନଙ୍କୁ ରଖାଯାଇଛି। ସେମାନଙ୍କ ପରିବାର ଲୋକ ଆସିବା ପରେ ଛଡ଼ାଯିବ ବୋଲି ପୋଲିସ କହିଛି।

# ରାଷ୍ଟ୍ରୀୟ ଏକତା ଦିବସରେ ଗଣଦୌଡ଼

**ଖୋର୍ଦ୍ଧା ଅଫିସ/ବାଲୁଗାଁ, ୩୧।୧୦(ଡି.ଏନ.ଏ.):**

ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ତଥା ପୂର୍ବତନ ଗୃହମନ୍ତ୍ରୀ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଗୁଜରାଟରେ ବିଶ୍ୱର ସର୍ବ ବୃହତ୍ତ ପ୍ରତିମୂର୍ତ୍ତିର ଅନାବରଣ ହୋଇଛି। ଏହି ପରିପ୍ରେକ୍ଷୀରେ ଚିଲିକା ଭାଜପା ପକ୍ଷରୁ ବାଲୁଗାଁ ଓ ବାଣପୁରରେ ବୁଧବାର ଏକତା ଗଣଦୌଡ ହୋଇଥିଲା। ବାଣପୁର, ବାଲୁଗାଁ, ଗମ୍ଭାରୀମୁଣ୍ଡା, ନାରୁଣୀ ଅଞ୍ଚଳର ୪୦୦ରୁ ଊର୍ଦ୍ଧ୍ୱ ଯୁବକ ବୁଧବାର ପୂର୍ବାହ୍ନ ସାଢେ ସାତଟାରେ ବାଲୁଗାଁ ଚିଲିକା କୂଳରେ ଏକତ୍ରିତ ହୋଇଥିଲେ। ସେଠାରେ ବିଧାୟକ ଡ. ବିଭୂତି ଭୂଷଣ ହରିଚନ୍ଦନ, ଭାଜପା ରାଜ୍ୟ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ସତ୍ୟନାରାୟଣ ସେନାପତି, ରାମଚନ୍ଦ୍ର ପଲାଇ, କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଗଣଦୌଡ ପୂର୍ବାହ୍ନ ୯ଟା ବେଳେ ୮ କିମି ଦୂର ବାଣପୁରର ଐତିହାସିକ ପଲଟଣ ପଡିଆଠାରେ ପହଞ୍ଚି ଉଦ୍‌ଯାପିତ ହୋଇଥିଲା।



ବାଲୁଗାଁଠାରେ ଗଣଦୌଡରେ ସାମିଲ ହୋଇଥିବା ଲୋକମାନେ ।

**ଜଟଣୀ,(ଡି.ଏନ.ଏ.):** ରାଷ୍ଟ୍ରୀୟ ଏକତା ଦିବସ ଖୋର୍ଦ୍ଧାରୋଡ଼ ରେଳ ଡିଭିଜନ ପକ୍ଷରୁ ବୁଧବାର ଜଟଣୀରେ ପାଳିତ ହୋଇଥିଲା। ଏଥିପାଇଁ ଡିଭିଜନ ପକ୍ଷରୁ ଏକତା ଗଣଦୌଡ଼ ନାମରେ ମିନି ମାରାଥନ ଆୟୋଜନ ହୋଇଥିଲା। ଏଥିରେ ଡିଭିଜନର ଡିଆର୍‌ଏମ୍ ବ୍ରଜମୋହନ ଅଗ୍ରୱାଲ, ଏଡିଆର୍‌ଏମ୍ ଏସ୍.ପି. ଦ୍ୱିବେଦୀ, ବରିଷ୍ଠ ଡିପିଓ ଏସ୍.କେ. ବେହେରା, ଡିସିଏମ୍ ଦୁର୍ଗାପ୍ରସନ୍ନ ଜେନାଙ୍କ ସମେତ ବହୁ ଅଧିକାରୀ, କର୍ମଚାରୀ, ସ୍କାଉଟ୍ସ ଗାଇଡ୍‌ସ ଅଂଶଗ୍ରହଣ କରିଥିଲେ। ସେହିପରି ରାଷ୍ଟ୍ରୀୟ ଏକତା ଶପଥପାଠ କରାଯାଇଥିଲା। ଖୋର୍ଦ୍ଧାରୋଡ ରେଳ ଡିଭିଜନର ବିଭିନ୍ନ ରେଳ ଷ୍ଟେଶନରେ ଏହି ଦିବସ ପାଳିତ ହୋଇଥିଲା।

**ବେଗୁନିଆ,(ଡି.ଏନ.ଏ.) :** ବେଗୁନିଆ ବ୍ଲକ ଭାଜପା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ଲାଗି ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ପ୍ରାୟ ୭ଟାରୁ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କର୍ମୀମାନେ ଏକତ୍ରିତ ହୋଇ ୫୭ ନଂ. ଜାତୀୟ ରାଜପଥ ଉପରେ ପୋଷ୍ଟ ଅଫିସ ଛକ ପର୍ଯ୍ୟନ୍ତ ଦୌଡିବା ଆରମ୍ଭ କରିଥିଲେ। ଏଥିରେ ଅଞ୍ଚଳର ବହୁ କର୍ମୀଙ୍କ ସହ ଅଜୟ କୁମାର ମାର୍ଥା, ଭଗବାନ ପଣ୍ଡା, ସୁଦର୍ଶନ ମଲ୍ଲିକ, ଜିତେନ୍ଦ୍ର କୁମାର ସାହୁ, ଗୟା ସେଠୀ, ବିଭୁ ପ୍ରସାଦ ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

**ବୋଲଗଡ଼,(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ଗେଡିଆପଲ୍ଲୀ ପଞ୍ଚାୟତସ୍ଥ ସାଲତରାଠାରେ ବୁଧବାର ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ସକାଳ ୭ଟାରେ ଗଣଦୌଡରେ ସ୍ଥାନୀୟ ଲୋକେ ସାମିଲ ହୋଇଥିଲେ। ସ୍ଥାନୀୟ ଗୁରୁକୁଳ ଶିକ୍ଷା ନିକେତନ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ଅନୁଷ୍ଠାନର ସଭାପତି ରାଜକିଶୋର ମହାପାତ୍ର ପୌରୋହିତ୍ୟ କରିଥିଲେ। ଅବସରପ୍ରାପ୍ତ ଜିଲାପାଳ ଦେବରାଜ ସେନାପତି ମୁଖ୍ୟଅତିଥି, ଅଧ୍ୟାପକ ରବୀନ୍ଦ୍ର ନାଥ ପାଣିଗ୍ରାହୀ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ କୃଷି ବୈଜ୍ଞାନିକ କାହ୍ନୁଚରଣ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**କୃଷ୍ଣପ୍ରସାଦ,(ଡି.ଏନ.ଏ.):** କୃଷ୍ଣପ୍ରସାଦ ବ୍ଲକରେ ରାଷ୍ଟ୍ରୀୟ ଏକତା ଦିବସ ଲାଗି ଅନୁଷ୍ଠିତ ଶୋଭାଯାତ୍ରାରେ ବ୍ଲକ ଭାଜପା ସଭାପତି ଦୀନବନ୍ଧୁ ଜେନା, ପ୍ରଭାରୀ ଉତ୍ତମ କୁମାର ତରେଇ, ସଂଗ୍ରାମ କେଶରୀ ଜେନା, ଦେବାଶିଷ ଜଗଦ୍ଦେବ ନାୟକ, ନାଲୁ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଛାତ୍ରୀଛାତ୍ର ତିତିପି ରାମଚଣ୍ଡୀ ମହିଳା ମହାବିଦ୍ୟାଳୟଠାରୁ ଏକତ୍ରିତ ହୋଇ ଚାରିଛକ ବଜାର ପରିକ୍ରମା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଗଣଦୌଡ ଅନୁଷ୍ଠିତ ହୋଇଥିଲା।

ଟାଙ୍ଗୀ (ଖୋର୍ଦ୍ଧା), (ଡି.ଏନ.ଏ.)–ଟାଙ୍ଗୀ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରେ ଜାତୀୟ ଏକତା ଦିବସ ଓ ସଂକଳ୍ପ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଟାଙ୍ଗୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆଲୋଚନା ସଭା ପ୍ରଧାନ ଶିକ୍ଷକ ସନ୍ତୋଷ ଚନ୍ଦ୍ର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ପ୍ରବାସିନୀ ଦେଇ, ପ୍ରଜ୍ଞାସ୍ମିତା ମିଶ୍ର, କବିତା ବେହେରା, ପୂଜାରାଣୀ ପରିଡା, କାଶୀନାଥ ଘଡେଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଟଙ୍କା ଲୁଟ୍ ଉଦ୍ୟମ ବିଫଳ

**ଖୋର୍ଦ୍ଧା ଅଫିସ,୩୧।୧୦**

ଖୋର୍ଦ୍ଧା ଟାଉନ ଥାନା ବାଘମାରୀ ଫାଣ୍ଡିର ସ୍ଥାନୀୟ ବଜାରରେ ମଙ୍ଗଳବାର ରାତିରେ ଷ୍ଟେଟ ବ୍ୟାଙ୍କ ଏଟିଏମ୍ ଭଙ୍ଗାରୁଜା କରାଯାଇ ଲୁଟ୍ ଉଦ୍ୟମ ହୋଇଥିଲା। ତେବେ ଲୁଟେରାମାନେ ଟଙ୍କା ନେଇ ପାରି ନ ଥିବା ବ୍ୟାଙ୍କ କର୍ମଚାରୀମାନେ କହିଛନ୍ତି। ଅନ୍ଧାରର ସୁଯୋଗ ନେଇ ରାତି ପ୍ରାୟ ୧୨ଟା ପୂର୍ବରୁ ଏଟିଏମ୍‌କୁ ଭାଙ୍ଗିଥିଲେ। ଖୋର୍ଦ୍ଧା ପୋଲିସ ଜିଲାର ନିରାକାରପୁର, ବେଗୁନିଆ ଥାନା ଅଞ୍ଚଳରେ ବାରମ୍ବାର ଏଟିଏମରୁ ଟଙ୍କା ଲୁଟ୍ ଓ ଉଦ୍ୟମ ହେଉଥିଲେ ମଧ୍ୟ ଏହାର ପ୍ରତିକାର କରାଯାଉନାହିଁ। ଏହି ପୋଲିସ ଜିଲାର ସବୁ ଏଟିଏମ୍‌ଗୁଡିକ ବିନା ସୁରକ୍ଷା କର୍ମୀରେ ଚାଲିଛି। ଯେଉଁଠି କେତେଜଣ କର୍ମଚାରୀ ଅଛନ୍ତି ରାତିରେ ଡ୍ୟୁଟି କରୁନାହାନ୍ତି। କେଉଁଠି ରାତିରେ ଡ୍ୟୁଟି ଦିଆଯାଉନାହିଁ।



ଦୁର୍ବଳମାନଙ୍କ ପ୍ରତି ସହାନୁଭୂତି ସମ୍ପନ୍ନ ହୋଇ ସାହାଯ୍ୟ ପ୍ରାର୍ଥନା କଲେ ସାହାଯ୍ୟ ମିଳିବ ହିଁ ମିଳିବ।

- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ବିଦ୍ୟୁତ୍ କଟରରେ ବେକ କଟି ଶ୍ରମିକ ମୃତ

**ନିମାପଡ଼ା,୩୧।୧୦(ଡି.ଏନ୍.ଏ.):** ଅସାବଧାନତା ହେତୁ ବିଦ୍ୟୁତ କଟରରେ ବେକ କଟି ବୁଧବାର ଜଣେ ଯୁବ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ସେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଭିଳିଦେଉଳି ଗ୍ରାମର ରାକେଶ କୁମାର ଓଝା(୨୮)। ଏନେଇ ପୋଲିସ ନଂ ୨୭/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ରାକେଶ ନିଜ ଘରେ କାଠ କାମ କରୁଥିବା ବେଳେ ଅଚାନକ କଟରଟି ବେକରେ ଲାଗି କଟି ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ପରିବାର ଓ ଗ୍ରାମବାସୀ ତାଙ୍କୁ ନିମାପଡ଼ା ଡାକ୍ତରଖାନାକୁ ନେଇଥିଲେ। ସେଠି ଡାକ୍ତର ରାକେଶଙ୍କ ମୃତ୍ୟୁ ହୋଇଯାଇଥିବା କହିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇ ଥିଲା। ମୃତ ଶ୍ରମିକ ପରିବାରଙ୍କୁ ସରାକାରୀ ସହାୟତା ପାଇଁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ୧୪ରେ ଷୋଳଶାସନ ଅମୃତମଣୋହି ଭୋଗ

**ପୁରୀ ଅଫିସ, ୩୧।୧୦:** ପ୍ରତିବର୍ଷ ପରି ଚଳିତବର୍ଷ ଆସନ୍ତା ୧୪ ତାରିଖ କାର୍ତ୍ତିକ ଶୁକ୍ଳ ସପ୍ତମୀ ତିଥିରେ ମହାପ୍ରଭୁଙ୍କ ଷୋଳଶାସନ ଅମୃତମଣୋହି ଭୋଗ କରାଯିବ। ମୁକ୍ତିମଣ୍ଡପ ପଣ୍ଡିତ ସଭା ଆନୁକୂଲ୍ୟରେ ଏହା ଯଥାବିଧି କରାଯାଇ ସେହିଦିନ ରାତି ୭ଟାରେ ଶ୍ରୀମନ୍ଦିର ପରିସର ନିର୍ମାଲ୍ୟ ଖଳାରେ ଜନସାଧାରଣଙ୍କ ମଧ୍ୟରେ ବିତରଣ କରାଯିବ। ମୁକ୍ତିମଣ୍ଡପ ପଣ୍ଡିତ ସଭାର ସାଧାରଣ ସମ୍ପାଦକ ଗଙ୍ଗାଧର ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦେଇଛନ୍ତି।

### ଗୋଚର, ଅନାବାଦୀ ଜମି ବିକ୍ରି ଅଭିଯୋଗ

**କଣାସ,୩୧।୧୦(ସ୍ୱ.ପ୍ର.):** କଣାସ ବ୍ଲକରେ ଗୋଚର ଓ ଅନାବାଦୀ ଜମି ଲୋପ ପାଇବାରେ ଲାଗିଛି । କଣାସ ବ୍ଲକରେ ୫୯୩୯ ହେକ୍ଟର ଅନାବାଦି ଓ ଗୋଚର ଜମି ବଡ ବାବୁମାନଙ୍କ ଅକ୍ତିଆରରେ ରହିଥିବା ଜଣାପଡିଛି। ଏହି ସବୁ ଗୋଚର ଓ ଅନାବାଦୀ ଜମିରେ କେତେଜଣ ବ୍ୟକ୍ତି ପୋଖରୀ ଖୋଳିବା, ଘରବାଡି ନିର୍ମାଣ କରିବା ଯୋଗୁ ଚାରଣ ଭୂମିର ଅଭାବ ହୋଇପଡିଛି । ଫଳରେ ବହୁ ଚାଷୀ ପରିବାର ଗୋରୁଙ୍କ ଚରିବା ପାଇଁ ଚାରଣ ଭୂମି ନ ପାଇ ଗୋପାଳନ ଠାରୁ ଦୂରେଇ ଯାଉଛନ୍ତି। ଗଡସାନପୁଟ ପଞ୍ଚାୟତର କେତେକ ପ୍ରଭାବଶାଳୀ ବ୍ୟକ୍ତି ଅନେକ ଦିନ ହେଲା ଗୋଚର ଓ ଅନାବାଦୀ ଜମିକୁ ନିଜ ଅକ୍ତିଆରରେ ରଖି ବିକ୍ରି କରିଚାଲିଥିବାବେଳେ କ୍ରୟ କରୁଥିବା ଲୋକେ ସେହି ଜମିରେ ବାସଗୃହ ନିର୍ମାଣ କରୁଛନ୍ତି । ଏ ସମ୍ପର୍କରେ କେତେଜଣ ବ୍ୟକ୍ତି କଣାସ ତହସିଲଦାର ଅନିତା ପଣ୍ଡାଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି । ଅନ୍ୟପକ୍ଷରେ ଏ ସମ୍ପର୍କରେ କଣାସ ତହସିଲଦାର ଅନିତା ପଣ୍ଡା କୁହନ୍ତି, ଗୋଚର ଓ ଅନାବାଦୀ ଜମି ଜବରଦସ୍ତ ଦଖଲ କରିଥିବା ବ୍ୟକ୍ତି କେତେଜଣ ଲୋକଙ୍କୁ ମୌଖିକରେ ବିକ୍ରି କରିଥିବା ଅଭିଯୋଗ ହୋଇଛି। ସମୟ ସୁବିଧା ଦେଖି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

### ରାସ୍ତା ନିର୍ମାଣ କାମକୁ ଗ୍ରାମବାସୀଙ୍କ ବିରୋଧ

**ପୁରୁଣା ଭୁବନେଶ୍ୱର,୩୧।୧୦(ଡି.ଏନ.ଏ.):** ପିପିଲି ବ୍ଲକ କାକୁଡି କୋଶାଙ୍ଗ ମେଳନ ପଡିଆ ପର୍ଯ୍ୟନ୍ତ ରାସ୍ତାର ନବୀକରଣ ପାଇଁ ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ହେଲେ ଏହି କଂକ୍ରିଟ ରାସ୍ତା ପାଇଁ ନିମ୍ନମାନର ସିମେଣ୍ଟ ବ୍ୟବହୃତ ହେଉଛି। ଫଳରେ ଏହାର ସ୍ଥାୟିତ୍ୱ ନେଇ ମଙ୍ଗଳବାର ନୂତନ ଭାବେ ନିର୍ମାଣ ହେଉଥିବା କଂକ୍ରିଟ ରାସ୍ତା କାମକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏଥିଯୋଗୁ ରାସ୍ତା କାମ ଅଧାରୁ ବନ୍ଦ ରହିଛି। ଏଭଳି କାର୍ଯ୍ୟକଳାପକୁ ନେଇ ମଙ୍ଗଳବାର ଉତ୍ତରା ଫାଣ୍ଡି ଅଧୀନ କାକୁଡି କୋଶାଙ୍ଗ ଗାଁରେ ଉତ୍ତେଜନା ଦେଖାଦେଇଥିଲା। ଏ ନେଇ ଗ୍ରାମବାସୀ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ବୁଧବାର କନିଷ୍ଠ ଯନ୍ତ୍ରୀ ବି.ଏନ. ଗୋଛାୟତ ରାସ୍ତା ନିର୍ମାଣ ସ୍ଥଳକୁ ଆସିଥିଲେ ମଧ ବିବାଦ ତୁଟି ପାରିନାହିଁ। ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ନିମ୍ନମାନର ସିମେଣ୍ଟକୁ ଅପସାରଣ କରାଯାଇ ଭଲ ସିମେଣ୍ଟ ଅଣାଯାଇଛି। ରାସ୍ତାର ଏଷ୍ଟିମେଣ୍ଟ ମଧ ପ୍ରଶାସନିକ ଅଧିକାରୀ ଦେଇଥିଲେ। ହେଲେ ଠିକାଦାର ପୁଣି କାମରେ ବିଳମ୍ବ କରିବାରୁ ଏହା ଗୁରୁବାର କରିବାକୁ ଲୋକେ ଦାବି କରିଥିଲେ। ଖବରଦାତା ଓ ପ୍ରଶାସନିକ ଅଧିକାରୀ ପହଞ୍ଚିବାରୁ ଠିକାଦାରଙ୍କ ଲୋକ ଘଟଣାସ୍ଥଳ ଛାଡି ଚାଲି ଯାଇଥିଲେ।

# ସରିଲା ମିଆଦ, ଆଜିଠୁ ଜରିମାନା

**ପୁରୀ ଅଫିସ, ୩୧।୧୦:**

ରାଜ୍ୟ ସରକାର ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ରାଜ୍ୟରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାରକୁ ନିଷିଦ୍ଧ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ୫ଟି ମହାନଗର ନିଗମ ସମେତ ଐତିହ୍ୟ ସହର ପୁରୀରେ ଏହାକୁ ଲାଗୁ କରାଯାଇଛି। ଅକ୍ଟୋବର ୩୧ ପର୍ଯ୍ୟନ୍ତ ସଚେତନତା ଲାଗି ସରକାର ସମୟ ଦେଇଥିବା ବେଳେ ନଭେମ୍ବର ପହିଲାରୁ ଏହି କଟକଣା କଡାକଡି ପାଳନ ସହ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ରହିଛି। ବୁଧବାର ସଚେତନତାର ଅବଧି ଶେଷ ହୋଇଛି। ଗୁରୁବାରଠାରୁ ଜରିମାନା ଆଦାୟକୁ କଡାକଡି କରାଯିବାକୁ ଥିବାବେଳେ ପାଦେ ଆଗକୁ ଯାଇଛି ପୁରୀ ପୌରସଂସ୍ଥା। ବୁଧବାର ଅପରାହ୍ନରେ ବଡ଼ଦାଣ୍ଡର ୧୭ଟି ଦୋକାନ ଉପରେ ଚଢ଼ାଉ କରାଯାଇ ୨୫ କି.ଗ୍ରା. ପଲିଥିନ ଜବତ କରାଯିବା ସହ ୮,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

ରାଜ୍ୟ ସରକାର ଅକ୍ଟୋବର ୨ରୁ ପଲିଥିନ ନିଷିଦ୍ଧ କରିଥିଲେ ହେଁ ପୁରୀ ସହରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ୨୦୦୨ ମସିହାରୁ ପଲିଥିନ ବ୍ୟବହାରକୁ ନିଷିଦ୍ଧ କରାଯାଇଛି। କିନ୍ତୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏହି ନିର୍ଦ୍ଦେଶନାମା କେବଳ କାଗଜ କଲମରେ ସୀମିତ ରହିଥିଲା। ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ସମୟରେ ସେ ପଲିଥିନ ବ୍ୟବହାରକୁ ରୋକିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। କିନ୍ତୁ ପୌରସଂସ୍ଥା ପକ୍ଷରୁ ନିୟମିତ ଚଢ଼ାଉ ନ ହେବା ଫଳରେ ତାହା ଫସର ଫାଟିଥିଲା। ଅକ୍ଟୋବର ୨ରେ ରାଜ୍ୟ ସରକାର ବିଧିବଦ୍ଧ ନିର୍ଦ୍ଦେଶନାମା ଜାରି କରିବା ପରେ ପୌରସଂସ୍ଥା ତତ୍ପରତା ପ୍ରକାଶ କରିଛି। ଗତ ୨୯ ଦିନ ମଧ୍ୟରେ ନିୟମିତ ବ୍ୟବଧାନରେ ଚଢ଼ାଉ କରି ପାଖାପାଖି ୨ କୁଇଣ୍ଟାଲ ପଲିଥିନ ଓ ଥର୍ମକୁଲ ଜବତ କରାଯାଇଥିବା ପୌରସଂସ୍ଥାର ଏନ୍‌ଫୋର୍ସମେଣ୍ଟ ଅଫିସର ଶ୍ୟାମସୁନ୍ଦର ମହାପାତ୍ର କହିଛନ୍ତି। ବୁଧବାର ଅପରାହ୍ନରେ ବଡ଼ଦାଣ୍ଡର ଉଭୟପାର୍ଶ୍ୱ ଦୋକାନ ଉପରେ ଚଢ଼ାଉ କରାଯାଇଛି। ଯେଉଁମାନଙ୍କଠାରୁ ପଲିଥିନ ଜବତ କରାଯାଇଛି ସେମାନଙ୍କଠାରୁ ଜରିମାନା ଆଦାୟ ହୋଇଛି। ଗୁରୁବାରଠାରୁ ଏହି ଚଢ଼ାଉ ଜୋରଦାର କରାଯିବ। ପୌରସଂସ୍ଥାର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ନିୟମିତ ଚଢ଼ାଉ କରିବ। କିନ୍ତୁ ପୁରୀ ସହରକୁ ପଲିଥିନ, ପ୍ଲାଷ୍ଟିକ, ଥର୍ମକୁଲ କେଉଁଠୁ ଆସୁଛି, କିପରି ଆସୁଛି ତାହା ଉପରେ ନଜର ରଖିବାକୁ ହେବ। ଆସିବା ଯଦି ବନ୍ଦ ହେବ ତେବେ ସରକାରଙ୍କ ଏହି ଯୋଜନା ସମ୍ପୂର୍ଣ୍ଣ ଫଳପ୍ରଦ ହୋଇପାରିବ ବୋଲି ମହାପାତ୍ର କହିଛନ୍ତି।



ବଡ଼ଦାଣ୍ଡର ଏକ ଦୋକାନରୁ ପଲିଥିନ ଜବତ କରାଯାଇ ଜରିମାନା ଆଦାୟ କରାଯାଉଛି ।

**ପ୍ଲାଷ୍ଟିକ ନିଷିଦ୍ଧ**

- ୧୭ ଦୋକାନରୁ ୮,୫୦୦ ଟଙ୍କା ଜରିମାନା ଆଦାୟ
- ୨୯ ଦିନରେ ଜବତ ହେଲାଣି ୨ କୁଇଣ୍ଟାଲ ପଲିଥିନ





ଛତିଶଗଡ଼ ଦାନ୍ତେୱାଡାରେ ମାଓବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁଙ୍କ ଉଦ୍ଦେଶ୍ୟରେ ଶ୍ରୀକ୍ଷେତ୍ର ଜର୍ନାଲିଷ୍ଟ ଫୋରମ ଏବଂ ପୁରୀ ସାମ୍ବାଦିକ ସଂଘ ପକ୍ଷରୁ ବୁଧବାର ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯାଉଛି ।



ଖାଦ୍ୟ ଅନ୍ୱେଷଣରେ ବସିଥିବା ବିଦେଶୀ ପକ୍ଷୀ ।

## ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ବିଦେଶୀପକ୍ଷୀ

**କଣାସ,୩୧।୧୦(ସ୍ୱ.ପ୍ର.)**

ବର୍ତ୍ତମାନ ଶୀତଋତୁ ଆରମ୍ଭ ହୋଇଯାଇଥିବାବେଳେ ଏସିଆର ବୃହତ୍ତମ ଲୁଣିହ୍ରଦ ଓ ପକ୍ଷୀ ଅଭୟାରଣ୍ୟ ଭାବେ ଖ୍ୟାତିଅର୍ଜନ କରିଥିବା ଚିଲିକା ହ୍ରଦରେ ବିଦେଶୀପକ୍ଷୀଙ୍କ ଆଗମନ ବଢିବାରେ ଲାଗିଛି । ମୁଖ୍ୟତଃ ପକ୍ଷୀ ଅଭୟାରଣ୍ୟ ନଳବଣରେ ଖାଦ୍ୟ ଅଭାବ ଯୋଗୁ ବିଦେଶୀପକ୍ଷୀମାନେ ଉତ୍ତର ଚିଲିକାର ଦୟା ଓ ମକରାନଦୀ ମୁହାଣ ଅଞ୍ଚଳରେ ଜମିରହିଥିବା ଦଳ, କଇଁଫୁଲ ଓ ପୋକଜୋକ ଖାଇବାପାଇଁ ଅଧିକ ପରିମାଣରେ ଠୁଳହେବାର ଦେଖିବାକୁ ମିଳିଛି । ଅନେକ ବିଦେଶୀ ପକ୍ଷୀ ଉତ୍ତର ଚିଲିକାର ଆଖପାଖ ଗ୍ରାମର ଧାନଜମିରେ ଧାନ ଖାଇବା ପାଇଁ ଘୂରିବୁଲୁଛନ୍ତି। ପକ୍ଷୀମାନଙ୍କ ପାଇଁ ଉତ୍ତରନାଶିରେ ସୁରକ୍ଷା ବ୍ୟବସ୍ଥା କୋହଳ ଥିବାରୁ ଶିକାରୀମାନେ ଅଭିନବ ଉପାୟରେ ଶିକାର କରିବାରେ ଲାଗିପଡିଛନ୍ତି । ବନ୍ଧୁକ ବ୍ୟବହାର ନ କରି ପକ୍ଷୀମାନଙ୍କ ପ୍ରିୟଖାଦ୍ୟ କଇଁଫୁଲ କେଶରରେ ନିଶାଦ୍ରବ୍ୟ ଦେଇ ଫାଶଜାଲ ବସାଇ ମାଛଧରିବା ବାହାନାରେ ପକ୍ଷୀଧରି ଫେରିଯାଉଛନ୍ତି। ତେଣୁ ପକ୍ଷୀଙ୍କ ସୁରକ୍ଷା ନେଇ ବିଶେଷଭାବେ କଡାକଡି ବ୍ୟବସ୍ଥା କରିବାକୁ ପକ୍ଷୀପ୍ରେମୀମାନେ ଅନୁରୋଧ କରିଛନ୍ତି ।

## ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ପ୍ରତିଷ୍ଠା ଦିବସ

**କୋଣାର୍କ,୩୧।୧୦(ଡି.ଏନ୍.ଏ.):** କୋଣାର୍କ ନିକଟସ୍ଥ ଶିମିଳି ପଞ୍ଚାୟତର ନୂଆଗାଁସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ୨୨ତମ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ରୁଦ୍ରାଣୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ମହାରଣା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅତିଥିଭାବେ କୋଣାର୍କ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ଦଳାଇ, ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିନୋଦିନୀ ତ୍ରିପାଠୀ, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ପରିଚାଳନା କମିଟି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଲେଙ୍କା, ବିଦ୍ୟାଳୟ ପ୍ରଧାନଶିକ୍ଷକ ବାଲୁଙ୍କେଶ୍ୱର ବାରିକ ଓ ଶିକ୍ଷକ ଶିଶିର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଇକୋ କ୍ଲବ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ଶିକ୍ଷକ ରାମକୃଷ୍ଣ ମହାନ୍ତି, ମାନସ ମୁଦୁଲି, ଦିଲୀପ ସାହୁ, ସିପ୍ରାଞ୍ଜଳି ନାୟକ, ନିହାରିକା ମହାନ୍ତି, ରବୀନ୍ଦ୍ର ଦ୍ୱିବେଦୀ, କୃଷ୍ଣଚନ୍ଦ୍ର ଲେଙ୍କା, ଅଭୟ ଲେଙ୍କା, କାହ୍ନୁଚରଣ ବିଶ୍ୱାଳ, ଦିଲୀପ ନାୟକ ଓ ଜ୍ୟୋତିର୍ମୟ ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ ।

## ବିଜେଡିର ଯୁବ ସମାବେଶ

**ଗୋପ,୩୧।୧୦(ଡି.ଏନ୍.ଏ.):**

ରାଜ୍ୟ ସରକାରଙ୍କ ବିକାଶ ଗାଁ ଗାଁରେ ପହଞ୍ଚୁଥିବାବେଳେ ବିଜେଡିରେ ସାମିଲ ହେଉଥିବା ଯୁବକମାନେ ଆଗାମୀ ଦିନରେ ଦଳକୁ ଆହୁରି ମଜଭୁତ କରିବେ ବୋଲି ବୁଧବାର ଗୋପରେ ଅନୁଷ୍ଠିତ ବିଜେଡି ଯୁବ ସମାବେଶରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ କହିଛନ୍ତି। ଏହି ଅବସରରେ ଭାଜପା ଓ କଂଗ୍ରେସର ୧୦୦ ଯୁବକ ବିଜେଡିରେ ସାମିଲ ହୋଇଛନ୍ତି। ଗୋପସ୍ଥିତ ଜଳସମ୍ପଦ ବିଭାଗ ଡାକବଙ୍ଗଳା ଠାରୁ ୧ ହଜାରରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଏକ ଶୋଭାଯାତ୍ରରେ ବଜାର ପରିକ୍ରମା କରିବା ସହ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିଥିଲେ। ଭାଜପା ଓ କଂଗ୍ରେସ ଦଳର ପ୍ରଦୀପ୍ତ କୁମାର ସ୍ୱାଇଁ, ବାବୁଲି ପରମାଣିକ, ସୁଧାକର ପରମାଣିକ, ମନମୋହନ ଦାଶ, ନାରାୟଣ ଭୋଇ, ବିଦ୍ୟାଧର ଦାଶ, ଜଗନ୍ନାଥ ଦାଶ, ଦୀପକ କୁମାର ପଲ୍ଲାଇ, ରବୀନ୍ଦ୍ର ବେହେରା, ମାନସ ଭୋଇ, ନନ୍ଦ ଭୋଇ, ବଳରାମ ପ୍ରଧାନ, ତପନ କୁମାର ବେହେରା, କାହ୍ନା ସାହୁ, ଦିଲୀପ କୁମାର ଭୋଇ, ଅବୁତାନ୍ ସାହା, ବନିତା ଭୋଇଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ନୂତନ ଭାବେ ଦଳରେ ସାମିଲ ହୋଇଥିବା କର୍ମୀକୁ ବିଧାୟକ ଦାଶ, ସାଂସଦଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ପୁରୀ ଜିଲା ବିଜେଡି ସାଧାରଣ ସମ୍ପାଦକ ସୀତାବ ଆଲାମ ଶେଖ୍, ଗୋପ ପଞ୍ଚାୟତ ବିଜେଡି ସଭାପତି ବୈଲୋଚନ ସାହୁ, ଯୁବ ସଭାପତି ପ୍ରଶାନ୍ତ ସ୍ୱାଇଁ, ଆବାହକ ରବୀନ୍ଦ୍ରନାଥ ନାୟକ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।



ଯୁବ ସମାବେଶରେ ବିଧାୟକ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ ।

■ ଏସ୍‌ସିଏସ୍ କଲେଜ ପରିଦର୍ଶନ ସାରି ଫେରିଲେ ୟୁଜିସି ପ୍ରତିନିଧି

## ‘ପୂର୍ବତନ ଅଧ୍ୟାପକଙ୍କ ଅଭିଜ୍ଞତାକୁ କାମରେ ଲଗାଅ’

**ପୁରୀ ଅଫିସ, ୩୧।୧୦:**

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ମହାବିଦ୍ୟାଳୟକୁ ଦୁଇ ଦିନିଆ ଗସ୍ତରେ ଆସିଥିବା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପ୍ରତିନିଧି ଦଳ ବୁଧବାର ଫେରିଯାଇଛନ୍ତି। ୟୁଜିସିର ରିପୋର୍ଟ କାର୍ଡ ଉପରେ କଲେଜର ଭାଗ୍ୟ ନିର୍ଦ୍ଧାରଣ କରୁଛି। ସ୍ୱୟଂଶାସିତ ମାନ୍ୟତା ପ୍ରସଙ୍ଗରେ ପ୍ରତିନିଧି ଦଳ କୌଣସି ସ୍ପଷ୍ଟ କରି ନ ଥିଲେ ମଧ ମାନ୍ୟତା ମିଳିବା ସମ୍ଭାବନା ରହିଛି। ପରିଦର୍ଶନ ସାରି ଫେରିବା ବେଳେ ୟୁଜିସି ଟିମ୍ ଏନେଇ ସ୍ପଷ୍ଟ ଭାବେ କହି ନ ଥିଲେ ମଧ ଗ୍ରୀନ୍ ସିଗନାଲ ଦେଇଥିବା କଲେଜ ସୂତ୍ରରୁ ଜଣାପଡିଛି।

- ପିଲାଙ୍କ ଦକ୍ଷତା, କ୍ରୀଡ଼ା ଓ ଭିତ୍ତିଭୂମି ବିକାଶ କର
- ଅତିଥି ଅଧ୍ୟାପକଙ୍କ ମାନଦଣ୍ଡ ବୃଦ୍ଧି କର
- ବ୍ଲାକବୋର୍ଡ ଢାଞ୍ଚା ଛାଡ଼, କମ୍ପ୍ୟୁଟର ଶିକ୍ଷା ଉପରେ ଗୁରୁତ୍ୱ ଦିଅ

ପ୍ରତିନିଧି ଦଳ ବୁଧବାର ସମସ୍ତ ଅଧ୍ୟାପକ ଏବଂ କଲେଜ ପରିଚାଳନା କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଅତିଥି ଅଧ୍ୟାପକଙ୍କ ପରିବର୍ତ୍ତେ ଏଠାରୁ ଅବସର ଗ୍ରହଣ କରୁଥିବା ଅଧ୍ୟାପକ, ରିଡରମାନଙ୍କୁ ନିଯୁକ୍ତି ଦେବା ଲାଗି କହିଥିଲେ। ସେମାନଙ୍କ ଅଭିଜ୍ଞତାକୁ କାର୍ଯ୍ୟରେ ଲଗାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟପଟେ ଅତିଥି ଅଧ୍ୟାପକଙ୍କ ଦକ୍ଷତା ବିକାଶ, କିପରି ଶିକ୍ଷାଦାନ ଦିଆଯିବା ଆବଶ୍ୟକ, ସେନେଇ ସେମାନଙ୍କୁ ପ୍ରଶିକ୍ଷିତ କରିବାକୁ କହିଥିଲେ। ପିଲାଙ୍କ ଦକ୍ଷତା, କ୍ରୀଡ଼ା, କଲେଜର ଭିତ୍ତିଭୂମି ବିକାଶ ଉପରେ ପରାମର୍ଶ ଦେଇଥିଲେ। ପୁରୁଣା ଢାଞ୍ଚାରେ ଚାଲିଥିବା ବ୍ଲାକବୋର୍ଡ ଶିକ୍ଷାଦାନ ପରିବର୍ତ୍ତେ କମ୍ପ୍ୟୁଟର ମାଧ୍ୟମରେ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସମସ୍ତ ବିଭାଗରେ ସ୍ମାର୍ଟ କ୍ଲାସରୁମର ବ୍ୟବସ୍ଥା ଲାଗି କହିଥିଲେ।

### ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ପୁରୀ ଅଫିସ, ୩୧।୧୦:** ଆଇନଜୀବୀ ଓ ପୋଲିସ ମଧ୍ୟରେ ଚାଲିଥିବା ବିବାଦ ସମାଧାନ କରିବା ଦିଗରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ପ୍ରତିବାଦରେ ପୁରୀ ଓକିଲ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। କଟକ ବାର ଆସୋସିଏଶନ ପକ୍ଷରୁ ହେବାକୁ ଥିବା ବୈଠକରେ ପୁରୀ ବାର ପ୍ରତିନିଧି ଅଂଶଗ୍ରହଣ କରିବେ ବୋଲି ପୁରୀ ବାର ସଭାପତି ପ୍ରେମାନନ୍ଦ ମହାନ୍ତି କହିଛନ୍ତି।

## ରାଷ୍ଟ୍ରୀୟ ଏକତା ଦିବସରେ ଗଣଦୌଡ

**ପୁରୀ ଅଫିସ, ୩୧।୧୦:**

ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ପୁରୀ ନଗରମଣ୍ଡଳ ଭାଜପା ପକ୍ଷରୁ ଏକତା ଦୌଡ଼ ଅନୁଷ୍ଠିତ ହୋଇଯାଇଛି। ନଗର ମଣ୍ଡଳ ସଭାପତି ନାରାୟଣ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଜଗନ୍ନାଥ ମନ୍ଦିରଠାରୁ ବାହାରି ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲା । ଲୌହମାନବ ଅମର ରହେ, ରାଷ୍ଟ୍ରୀୟ ଏକତା ଜିନ୍ଦାବାଦ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ଉକ୍ତ ଦୌଡ଼ରେ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ବିଭୁପ୍ରସାଦ ଦାଶ, ସଚ୍ଚିଦାନନ୍ଦ ଦାଶ, ଶିବ ରାଓ, ଦାଶରଥି ମହାନ୍ତି, ବିଶ୍ୱନାଥ ପଣ୍ଡା, ସତ୍ୟଜିତ ପଟ୍ଟନାୟକ, ନୀଳମଣି ଶାହ, ଅଦ୍ୱୈତ ପ୍ରସାଦ ଧଳ, ସବିତା ବିଶୋଇ, କବିତା ପ୍ରଧାନ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

**କଣାସ,(ଡି.ଏନ.ଏ):** ଜାତୀୟ ଏକତା ଦିବସ ଓ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ବୁଧବାର ଭାଜପା ପକ୍ଷରୁ ପାଳିତ ହୋଇଯାଇଛି। ଭାଜପା ଯୁବ ନେତା ଆଶ୍ରିତ ପଟ୍ଟନାୟକ ଡେଲାଙ୍ଗ ଷ୍ଟେଶନ ବଜାର ନିକଟସ୍ଥ ବେରବୋଇସ୍ଥିତ ପବିତ୍ର ଗାନ୍ଧୀ ପୀଠରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଗଣଦୌଡ଼କୁ ପ୍ରଫୁଲ୍ଲ ନାୟକ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏଥିରେ ପୁରୀ ଜିଲ୍ଲା ଉପସଭାପତି ଜନ୍ମେଜୟ ଜେନା, ପୁରୀ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ପ୍ରଧାନ, ପ୍ରଭାରୀ ବିଶ୍ୱଜିତ ବଡଜେନା, ଆର୍ତ୍ତବନ୍ଧୁ ପୃଷ୍ଟି, ମଣ୍ଡଳ ସଭାପତି ଦିଲ୍ଲୀପ ଧାଉଡ଼ିଆ, ସୁଧାଂଶୁ ପରିଡା, ପ୍ରଦୀପ ପାତ୍ର, ଦେବାଶିଷ ଦୀକ୍ଷିତ, କୃତ୍ତିବାସ ମହାପାତ୍ର ,ଚନ୍ଦ୍ରଶେଖର ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମୀଙ୍କ ବିକ୍ଷୋଭ ।

## ବ୍ଲକ କାର୍ଯ୍ୟାଳୟ ଘେରାଉ କଲା ଭାଜପା

**ନିମାପଡ଼ା,୩୧।୧୦(ଡି.ଏନ୍.ଏ.):**

ପିସି କାରବାର ଓ ରାଜ୍ୟ ସରକାରଙ୍କ ଦୁର୍ନୀତି ଆଦି ପ୍ରତିବାଦରେ ବୁଧବାର ପ୍ରାୟ ଦେଢ ହଜାର ଭାଜପା କର୍ମୀ ନିମାପଡ଼ା ବ୍ଲକ କାର୍ଯ୍ୟାଳୟକୁ ଘେରାଉ କରିବା ସହ ବିକ୍ଷୋଭ କରିଥିଲେ। ଏହି ଅବସରରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିଭାବେ ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡା, ଭାଜପାର ମୁଖପାତ୍ର ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ରାଜ୍ୟ କୃଷକ ମୋର୍ଚ୍ଚାର ସମ୍ପାଦକ ସୁରତ ବିଶ୍ୱାଳ, ରାଜ୍ୟ କମିଟି ସଭ୍ୟ ପ୍ରତାପ ମିଶ୍ର, ଭାଜପା ନେତା ପୂର୍ଣ୍ଣଚନ୍ଦ୍ର ଓଝା, ମାନସ ପ୍ରଧାନ, ତପନଜ୍ୟୋତି ବରିହା, ମିଲନ ମୁଖି, ମହିଳା ନେତ୍ରୀ ତପସ୍ୱିନୀ ବେହେରା, ମିନଲତା ମହାନ୍ତି, ଦିଲୀପ ପାତ୍ର ପ୍ରମୁଖ ଯୋଗଦେଇ ରାଜ୍ୟରେ ଥିବା ବିଜେଡି ସରକାରଙ୍କୁ ସମାଲୋଚନା କରିବା ସହ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ ଏକଛତ୍ରବାଦ ଶାସନ ଚଳାଇଛନ୍ତି ବୋଲି କହିଥିଲେ। ଆଗାମୀ ୨୦୧୯ ନିର୍ବାଚନରେ ନିମାପଡ଼ାର ଜନସାଧାରଣ ବିଧାୟକଙ୍କୁ ଉଚିତ ଜବାବ ଦେବେ ବୋଲି କହିଥିଲେ। ଏହି ଅବସରରେ ଭାଜପା କର୍ମୀଙ୍କ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ଲକ କାର୍ଯ୍ୟାଳୟ ଠାରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

■ ହବିଷିଆଳି ଆଶ୍ରୟସ୍ଥଳରୁ...

## ମା’ ଅସୁସ୍ଥ, ଉଷୁମ ପାଣିରେ ଖାଇବେ ଔଷଧ

**ପୁରୀ ଅଫିସ,୩୧।୧୦:**

ପୁଅ ସରକାରୀ ଚାକିରିଆ। ଭାରତୀୟ ରେଳ ବିଭାଗରେ ଚାକିରି କରିଛନ୍ତି। ସମୟ ଅଭାବ ହେଉ ଅବା ବ୍ୟକ୍ତିଗତ କିଛି ସମସ୍ୟା ପାଇଁ ମା’ଙ୍କୁ ଛାଡିଛନ୍ତି ହବିଷିଆଳି ଆଶ୍ରୟସ୍ଥଳରେ। ଅନ୍ୟ ମହିଳାଙ୍କ ସହ ମିଶି ମା’ ପାଳୁଛନ୍ତି କାର୍ତ୍ତିକ ବ୍ରତ। ହେଲେ ମା’ଙ୍କ ସ୍ୱାସ୍ଥ୍ୟ ସମସ୍ୟା ରହିଛି। ସେ ଔଷଧ ସେବନ କରୁଛନ୍ତି। ପ୍ରତିଦିନ ଔଷଧ ଖାଇବାକୁ ହେଲେ ଦରକାର ଉଷୁମ ପାଣି। ତେଣୁ ଆଶ୍ରୟସ୍ଥଳରେ ପୁଅ ପହଞ୍ଚି ମା’ଙ୍କୁ ରାତିରେ ନିଜେ ରହୁଥିବା ଘରକୁ ନେବାକୁ ଚାହିଁଥିଲେ। ହେଲେ ଏଥିରେ ବାଧକ ସାଜିଥିଲା ସରକାରୀ ଆଇନ। ବୁଧବାର ଜଗନ୍ନାଥ ବଲ୍ଲଭ ପରିସର ଆଶ୍ରୟସ୍ଥଳରେ ଏମିତି ଏକ ମା-ପୁଅଙ୍କ ସାକ୍ଷାତ୍ ଚିତ୍ର ଦେଖିବାକୁ ମିଳିଥିଲା।

ସନ୍ଧ୍ୟା ପ୍ରାୟ ୬ଟା। ଆଶ୍ରୟସ୍ଥଳ ଭିତରେ ଜଣେ ମହିଳା ମଞ୍ଚରେ ପ୍ରବଚନ ଦେଉଥିଲେ। ହବିଷିଆଳିମାନେ ଧାଡ଼ିରେ ବସି ମହାପ୍ରସାଦ ସେବନ କରୁଥିଲେ। ମଝିରେ ମଝିରେ ବ୍ରତଧାରୀଙ୍କ ହୁଳହୁଳି ଶବ୍ଦ ସୃଷ୍ଟି କରୁଥିଲା ଏକ ଆଧ୍ୟାତ୍ମିକ ପରିବେଶ। ଠିକ୍ ଏହି ସମୟରେ ଜଣେ ଯୁବକ ଆଶ୍ରୟସ୍ଥଳ ଫାଟକ ଦେଇ ପ୍ରବେଶ କରିଥିଲେ। ଆଶ୍ରୟସ୍ଥଳ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଦେଖାକରି ମା’ଙ୍କୁ ଘରକୁ ନେବାକୁ କହିଥିଲେ। ଅଧିକାରୀ ଜଣକ ଅନ୍ୟ ଜଣେ କର୍ମଚାରୀଙ୍କୁ କହି ସମ୍ପୃକ୍ତ ଯୁବକଙ୍କ ମା’ଙ୍କ ନାମ, ଠିକଣା ଆଦି ଖାତାରେ ଲେଖିଥିଲେ। କିନ୍ତୁ ଯୁବକ ଜଣକ କହିଥିଲେ ଗୁରୁବାର ସକାଳେ ସେ ପୁଣି ମା’ଙ୍କୁ ଆଣି ଆଶ୍ରୟସ୍ଥଳରେ ଛାଡିଦେବେ। ଏହା ଶୁଣି ଅଧିକାରୀ ଜଣକ ଯୁବକଙ୍କୁ ମନା କରିଥିଲେ। ଏମିତି ନିୟମ ନାହିଁ। ଯଦି ମା’ଙ୍କୁ ନେବାକୁ ଚାହୁଁଛ ତେବେ ସମ୍ପୂର୍ଣ୍ଣ ଭାବେ ନେଇଯାଅ। ନଚେତ୍ ଜିଲାପାଳଙ୍କଠାରୁ ଲେଖିକି ଆଣ ବୋଲି ଅଧିକାରୀ ଜଣଙ୍କୁ କହିଥିଲେ। ଯଦି କହୁଛ କାଲି ସକାଳେ ଆସି ମା’ଙ୍କୁ ନେଇଯିବ ଏବଂ ସନ୍ଧ୍ୟା ପୂର୍ବରୁ ଛାଡିଦେବ। ହେଲେ ଯୁବକ ଜଣକ କ’ଣ କରିବେ କିଛି ଭାବିପାରିଲେ ନାହିଁ, ସେମିତି ଛିଡା ହୋଇ ରହିଥାନ୍ତି।

ଏ ସମ୍ପର୍କରେ ସମ୍ପୃକ୍ତ ଯୁବକଙ୍କୁ ପଚାରିବାରୁ ସେ କହିଥିଲେ, ମା’ଙ୍କ ଦେହ ଖରାପ। ସେ ରାତିରେ ଔଷଧ ଖାଉଛନ୍ତି। ଔଷଧ ସେବନ ପାଇଁ ଉଷୁମ ପାଣି ଦରକାର। ତେଣୁ ରାତିରେ ନେଇ ସକାଳେ ଆଣି ଛାଡିବାକୁ ଚାହୁଁଥିଲି। କିନ୍ତୁ ଅଧିକାରୀ ଜଣକ ତାଙ୍କୁ ସରକାରୀ କଟକଣା ବିଷୟରେ ବୁଝାଇଥିଲେ। ଏହାଶୁଣି ଯୁବକ ଜଣକ ପୁଣି କହିଥିଲେ, ମା ଯେଉଁ ରୁମ୍‌ରେ ରହୁଛନ୍ତି ସେଠାରେ ତାଙ୍କର ଅସୁବିଧା ହେଉଛି। ତାଙ୍କୁ ୧ ନମ୍ବର ରୁମ୍‌କୁ ସ୍ଥାନାନ୍ତର କରିବାକୁ ସେ ସମ୍ପୃକ୍ତ ଅଧିକାରୀଙ୍କୁ କହିଥିଲେ। ବର୍ତ୍ତମାନ ସମସ୍ତଙ୍କୁ ବେଡ୍ ଆଲଟ କରାସରିଛି। ଯଦି କିଛି ଅସୁବିଧା ହେଉଥିବ ତେବେ ରାତିରେ ସେ ଜଣାଇଲେ ତାଙ୍କ ରୁମ୍ ପରିବର୍ତ୍ତନ କରାଯିବା ବ୍ୟବସ୍ଥା ହେବ ବୋଲି ଅଧିକାରୀ ଜଣଙ୍କ କହିଥିଲେ। ଯୁବକ ଜଣକ ମା’ଙ୍କୁ ଦେଖାକରି ଭଲମନ୍ଦ ବୁଝି ଆଶ୍ରୟସ୍ଥଳରୁ ଫେରିଥିଲେ।